ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.49 Bhubaneswar Wednesday, March 30, 2022 | ୨୫ତମ ବର୍ଷ ସଂଖ୍ୟା–୪୯ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୩୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବିଧାନସଭାରେ ଉପସ୍ଥାପନ ହେବ ୧.୦୬ଲକ୍ଷ କୋଟି ଟଙ୍କାର ଲେଖାନୁଦାନ




ଭୁବନେଶ୍ୱର,୨୯ ।୩(ପି.ଏନ) : ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧.୦୬ଲକ୍ଷ କୋଟି ଟଙ୍କାର ପ୍ରଥମ ଲେଖାନୁଦାନ ପ୍ରସ୍ତାବକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆସନ୍ତାକାଲି ବୁଧବାର ବିଧାନସଭାରେ ଉପସ୍ଥାପନ କରିବେ । ପଂଚ୍ାୟତ ଓ ପୌର ନିର୍ବାଚ୍ନ ଯୋଗୁ ଠିକ୍ ସମୟରେ ବଜେଟ୍ ଅଧିବେଶନ ଆରମ୍ଭ କରିବାରେ ସରକାର ବିଫଳ ହୋଇଥିବାରୁ କାମଚ୍ଳା ବଜେଟ୍ ଉପସ୍ଥାପନ କରି ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ବଜେଟକୁ ବିଧାନସଭାରେ ଗୃହୀତ କରାଇବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି ।ରାଜ୍ୟ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚ୍ନା ଅନୁସାରେ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆସନ୍ତାକାଲି ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ବଜେଟ୍ ବ୍ୟୟବରାଦକୁ ଗୃହରେ ଉପସ୍ଥାପନ କରିବେ । ଏହା ପରେ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ଅନ୍ୟ ଏକ ମୋସନ୍ ମାଧମରେ ପ୍ରାୟ ୧ଲକ୍ଷ ୬ହଜାର ୪୯୭କୋଟି ଟଙ୍କାର 'ଭୋଟ୍ ଅନ ଆକାଉଣ୍ଟ ଗ୍ରାଣ୍ଟ' ନିମନ୍ତେ ଗୃହର ଅନୁମତି ପାଇଁ ଉପସ୍ଥାପନ କରିବେ । ଯାହାକି ମାର୍ଚ୍ଚ ୩୧ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଆକାରରେ ଗୃହର ଅନୁମୋଦନ ଲାଭ କରିବାର କାର୍ଯ୍ୟକ୍ରମ ରହିଛି । କରୋନା କାଳରେ ବି ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରାୟ ୧ଲକ୍ଷ ୬ହଜାର ୪୯୭କୋଟିର ଲେଖାନୁଦାନ ଆଗତ କରି ରାଜ୍ୟ ପୂର୍ଣ୍ଣାଙ୍ଗ ବଜେଟର ଆକାର ପୂର୍ବବର୍ଷ ଗୁଡିକ ତୁଳନାରେ ଅଧିକ ବଡ ହେବାର ସନ୍ଦେଶ ଦେବେ ବୋଲି ଜଣାପଡିଛି ।

## ବିଧାନସଭାରେ ୪ ବିଲ୍ ପାରିତ

ଭୁବନେଶ୍ୱର, ୨୯ ।୩(ପି.ଏନ): ବିଧାନସଭାର ଅପରାହ୍ନ ବୈଠକରେ ମଙ୍ଗଳବାର ୪ଟି ବିଲ୍ ପାରିତ ହୋଇଛି । ପାରିତ ହୋଇଥିବା ବିଲ୍ ଗୁଡିକ ହେଲା ଓଡ଼ିଶା ପୌର ନିଗମ ସଂଶୋଧନ ବିଲ୍ ୨୦୨୨, ଓଡ଼ିଶା ପୌରବିଧି ସଂଶୋଧନ ବିଲ୍ ୨୦୨୨ , ଶ୍ରୀଜଗନ୍ନାଥ ସଂଶୋଧନ ବିଲ୍ ୨୦୨୨ ଓ ଓଡ଼ିଶା ପଂଚାୟତ ବିଧି ସଂଶୋଧନ ବିଲ ୨୦୨୨ ।

## ବରିଷ୍ଠ ଆଇଏଏସ- ଆଇପିଏସ ମାନେ ନବୀନଙ୍କୁ ଭେଟି ନିର୍ବାଚନୀ ବିଜୟର ଶୁଭେଚ୍ଛା ଜଣାଇବା ଘଟଣାରେ ସରକାରଙ୍କୁ ଘେରିଲା ବିଜେପି

ଭୁବନେଶ୍ୱର, ୨୯ ।୩(ପି.ଏନ): ପୌର ନିର୍ବାଚନ ପରେ ଯେଉଁଭଳି ଭାବେ ରାଜ୍ୟର ବରିଷ୍ଠ ଆଇଏଏସ- ଆଇପିଏସ ତଥା ବିଭିନ୍ନ କର୍ମଚାରୀ ସଂଘର ପ୍ରତିନିଧି ମାନେ ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଭେଟି ନିର୍ବାଚନୀ ବିଜୟର ଶୁଭେଚ୍ଛା ଜଣାଇଲେ ତାହା ଗଣତନ୍ତ୍ର ପାଇଁ ଠିକ ନୁହେଁ ବୋଲି କହିଛନ୍ତି ବିରୋଧୀ ଦଳର ସଚେତକ ମୋହନ ମାଝୀ । ଶୂନ୍ୟ କାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଇତିହାସରେ ଏପରି କେବେ ହୋଇ ନ ଥିଲା। ଶାସନରେ କାର୍ଯ୍ୟପାଳିକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ନିରପେକ୍ଷ ଭାବେ ଲୋକ ମାନଙ୍କର କାମ କରିବାର ଆଶା କରା ଯାଇଥାଏ । ମାତ୍ର ରାଜ୍ୟର ମୁଖ୍ୟ ଶାସନ ସଚିବ ଠାରୁ ଆରମ୍ଭ କରି ପୋଲିସ ମହା ନିର୍ଦ୍ଦେଶକ ଓ ଅନ୍ୟ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ଅତ୍ୟନ୍ତ ଖରାପ ପରମ୍ପରା ସୃଷ୍ଟି କରିଛନ୍ତି । ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁଙ୍କ ଠାରୁ ଆରମ୍ଭ କରି ପୂର୍ବତନ ମହା ନିର୍ଦ୍ଦେଶକ ସଂଜୀବ ମାରିକ ମଧ୍ୟ କହିଛନ୍ତି ଯେ ତାଙ୍କ ବେଳେ ଏଭଳି କେବେ ହୋଇ ନ ଥିଲା । ସେ କହିଛନ୍ତି ନିର୍ବାଚନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକଙ୍କ କର୍ତବ୍ୟ ।

## କିଟ୍ ନଲେଜ ଟ୍ରି ବକ୍ତୃତାମାଳା : ଶ୍ରଦ୍ଧା, ଏକାଗ୍ରତା ଓ ସେବା ପ୍ରକୃତ ଶାନ୍ତି ପ୍ରଦାନ କରିଥାଏ: ସ୍ୱାମୀ ସର୍ବପ୍ରିୟାନନ୍ଦ




ଭୁବନେଶ୍ୱର,୨୯।୩(ପି.ଏନ): ଶ୍ରଦ୍ଧା, ଏକାଗ୍ରତା ଓ ସେବା ପ୍ରକୃତ ଶାନ୍ତି ପ୍ରଦାନ କରିଥାଏ ବୋଲି ନିୟୁୟର୍କସ୍ଥିତ ବେଦାନ୍ତ ସୋସାଇଟିର ମୁଖ୍ୟ ତଥା ଅଧ୍ୟାତ୍ମ ଗୁରୁ ସ୍ୱାମୀ ସର୍ବପ୍ରିୟାନନ୍ଦ ପ୍ରକାଶ କରିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ କିଟ୍ ନଲେଜ ଟ୍ରି ବକ୍ତୃତାମାଳାରେ ଅଭିଭାଷଣ ଦେଇ ସ୍ୱାମୀ ସର୍ବପ୍ରିୟାନନ୍ଦ କହିଲେ, ଆମ ନିକଟରେ ଯେତେ ଧନ ସମ୍ପତ୍ତି, କ୍ଷମତା ଓ ପ୍ରତିପତ୍ତି ଥିଲେ ମଧ୍ୟ ଏସବୁ ଆମକୁ ପ୍ରକୃତ ଶାନ୍ତି ଦେଇ ନ ଥାଏ । ଜୀବନରେ ସଫଳତା ଓ ଶାନ୍ତି ପ୍ରାପ୍ତି ଦିଗରେ ଭିନ୍ନ ଭିନ୍ନ ଲୋକଙ୍କ ପାଇଁ ସଫଳତା ମଧ୍ୟ ଭିନ୍ନ ହୋଇଥାଏ ବୋଲି ସେ କହିଥିଲେ । ତଥାପି ଯେତେ ସଫଳତା ମିଳିଲେ ମଧ୍ୟ ଆଧ୍ୟାତ୍ମିକତାବାଦ ବ୍ୟତୀରେକ ଆମକୁ ଶାନ୍ତି ମିଳି ନ ଥାଏ । ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱମାନେ ଆଧ୍ୟାତ୍ମିକତା ମଧ୍ୟରେ ସୁଖ ଓ ଶାନ୍ତି ଖୋଜିଥାନ୍ତି । ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶ ଭଳି ଭାରତରେ ମଧ୍ୟ ଦ୍ରୁତ ଗତିରେ ପରିବର୍ତ୍ତନ ହୋଇ ଚାଲିଛି । ଯୁବଗୋଷ୍ଠୀ ବିଶେଷ କରି ଛାତ୍ରଛାତ୍ରୀମାନେ ହେଉଛନ୍ତି ଏହି ପରିବର୍ତ୍ତନର ଅଗ୍ରଦୂତ । ଆଜି ସକାଳେ କିଟ୍ ଓ କିସ୍ କ୍ୟାମ୍ପସ୍ ବୁଲି ଦେଖିବା ପରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ କୁହାଯାଉଥିବା ହାର୍ଭାର୍ଡଠାରୁ କିଟ୍ ଓ କିସ୍ କୌଣସି ଗୁଣରେ କମ୍ ନୁହେଁ ବୋଲି ସ୍ୱାମୀ ସର୍ବପ୍ରିୟାନନ୍ଦ କହିଥିଲେ । ଏହି ପରିବର୍ତ୍ତନ ହିଁ ଭବିଷ୍ୟତ ବୋଲି ସେ କହିଥିଲେ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଉଦ୍ଧୃତ କରି ସେ କହିଲେ, ଆମେମାନେ ଆମ ଜୀବନର ପୂର୍ଣ୍ଣ ସଫଳତା ପାଇବାକୁ ହେଲେ ଆମକୁ ବିବେକାନନ୍ଦଙ୍କ ଆତ୍ମବିଶ୍ୱାସ, ଲକ୍ଷ୍ୟ ଉପରେ ଗୁରୁତ୍ୱଦେବା ଏବଂ ନିସ୍ୱାର୍ଥପରତା ଆଦି ତିନୋଟି ମନ୍ତ୍ର ଆପଣାଇବାକୁ ପଡ଼ିବ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଶ୍ରୀ ସାମନ୍ତ ଆଜି ଯେଉଁ ସଫଳତା ହାସଲ କରିଛନ୍ତି ତାହା ଏହି ତିନୋଟି ସୂତ୍ର ଉପରେ ଆଧାରିତ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ପ୍ରଥମେ ଆମକୁ ନିଜ ଉପରେ ବିଶ୍ୱାସ ରଖିବାକୁ ହେବ । ଜୀବନରେ ସଫଳତା ପାଇଁ ଆତ୍ମ ବିଶ୍ୱାସ ଓ ଆତ୍ମ ସମ୍ମାନ ହେଉଛି ସବୁଠାରୁ ବଡ଼ ସମ୍ବଳ । ଆମକୁ ଆମର ଅନ୍ତର୍ନିହିତ କ୍ଷମତାର ପୂର୍ଣ୍ଣ ବିନିଯୋଗ କରିବାକୁ ହେବ । ଯିଏ ଯେତେ ଅସାଧାରଣ ବ୍ୟକ୍ତି ତାଙ୍କର ସେତେ ଅଧିକ ଏକାଗ୍ରତା ରହିଥାଏ ବୋଲି ସେ କହିଥିଲେ । ଜଣେ ବ୍ୟକ୍ତି ସଫଳତା ପାଇବାକୁ ହେଲେ ତାଙ୍କୁ ନିସ୍ୱାର୍ଥପର ହେବାକୁ ପଡ଼ିବ । ଆମେ ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କରିବା ଆମ ଜୀବନରେ ସେତେ ଆନନ୍ଦ ଆସିବ ବୋଲି ସେ କହିଥିଲେ । ଏହି ଅବସରରେ ସେ ଆତ୍ମବିଶ୍ୱାସ, ନିଜ ଭୁଲକୁ ବୁଝି ସେଥିରେ ସୁଧାର ଆଣିବା, ଆତ୍ମ କର୍ତ୍ତବ୍ୟବୋଧ, ଦୃଢ଼ତା, ଲକ୍ଷ୍ୟଯୁକ୍ତ ଜୀବନ ଓ ସତ୍ୟନିଷ୍ଠ ଆଦି ସଫଳତା ଓ ଶାନ୍ତିର ୭ ସୂତ୍ରୀ ମନ୍ତ୍ର ପ୍ରଦାନ କରିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ସ୍ୱାମୀ ସର୍ବପ୍ରିୟାନନ୍ଦଙ୍କ ଉକ୍ତିକୁ ସମର୍ଥନ କରିବା ସହ ଛାତ୍ରଛାତ୍ରୀମାନେ ସ୍ୱାମୀଙ୍କ ପରାମର୍ଶ ଅନୁସରଣ କଲେ ସଫଳତା ନିଶ୍ଚିତ ଭାବେ ମିଳିବ ବୋଲି କହିଥିଲେ ।

## ଗୋଟିଏ ଦିନରେ ୩୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯ ।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୫୪୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୯୭୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୦୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୩୭ ଜଣଙ୍କ ମଧ୍ୟରୁ ୨୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ ୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬, ଗଂଜାମ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁର ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍ ପୁଲରୁ ୧ ଆକ୍ରାନ୍ତ ଚିହ୍ନଟ ହୋଇ ଛନ୍ତି ।

## ପଶ୍ଚିମ, ଆଭ୍ୟନ୍ତରୀଣରେ ପ୍ରବଳ ତାତି

ଭୁବନେଶ୍ୱର, ୨୯ ।୩(ପି.ଏନ): ରାଜ୍ୟରେ ତାତିର ପ୍ରକୋପ ଜାରି ରହିଛି । ବିଶେଷ କରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡିକରେ ପ୍ରବଳ ଗରମ ଅନୁଭୂତ ହେଉଛି । ମଙ୍ଗଳବାର ଦିନ ଟିଟିଲାଗଡରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ୫ ଟି ସହରର ତାପମାତ୍ରା ୪୧ ଡିଗ୍ରୀ ବା ତାଠାରୁ ଅଧିକ ରହିଥିବା ବେଳେ ୭ ସହରର ତାପମାତ୍ରା ୪୦ ଡିଗ୍ରୀ ରୁ ଅଧିକ ରେକର୍ଡ ହୋଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଟିଟିଲାଗଡରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗିରରେ ୪୧.୪ ଡିଗ୍ରୀ, ସୁବର୍ଣ୍ଣପୁରରେ ୪୧.୩ ଡିଗ୍ରୀ, ବୌଦ୍ଧ ଓ ବାରିପଦାରେ ୪୧ ଡିଗ୍ରୀ , ଭବାନୀପାଟଣା ଓ ସମ୍ବଲପୁରରେ ୪୦.୨ ଡିଗ୍ରୀ, ଭୁବନେଶ୍ୱର ଓ କଟକରେ ୩୬.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

## ଆଜିଠୁ ପ୍ରବଳ ତାତି : ଗ୍ରୀଷ୍ମ ପ୍ରବାହ ନେଇ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୯ ।୩(ପି.ଏନ): ଉତର-ପଶ୍ଚିମରୁ ଶୁଷ୍କ ଏବଂ ଉତପ୍ତ ବାୟୁର ପ୍ରଭାବରେ ରାଜ୍ୟରେ ତାତି ବଢିବ । ଆସନ୍ତା କିଛି ଦିନ ମଧ୍ୟରେ ଦିନ ତାପମାତ୍ରା ୨ ରୁ ୩ ଡ଼ିଗ୍ରୀ ଯାଏଁ ବଢିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଫଳରେ ଆସନ୍ତାକାଲି (ମାର୍ଚ୍ଚ ୩୦) ଠାରୁ ଅପ୍ରେଲ ୨ ତାରିଖ ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ମାର୍ଚ୍ଚ ୩୦ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୫ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମୟୁରଭଞ୍ଜ, ବରଗଡ, ସୁବର୍ଣ୍ଣପୁର, ବୌଦ୍ଧ, ଓ ବଲାଙ୍ଗୀର ରହିଛି । ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଖରା ସମୟରେ ନବଜାତ, ବୃଦ୍ଧ ଓ ଅସୁସ୍ଥ ଲୋକଙ୍କୁ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।ସେହିପରି ଅଧିକ ଖରା ସମୟ ବା ମଧ୍ୟାହ୍ନ ୧୨ ଟାରୁ ୩ ଟା ମଧ୍ୟରେ ବାହାରକୁ ଯାଉଥିଲେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ଅପରପକ୍ଷରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୧ ତାରିଖ ଓ ୧ରୁ ୨ ତାରିଖ ମଧ୍ୟରେ ସମ୍ବଲପୁର, ବରଗଡ଼,ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ ଓ କଳାହାଣ୍ଡି ଆଦି ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ବଦଳିପାରେ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ସୂଚୀ

ଭୁବନେଶ୍ୱର, ୨୯ ।୩(ପି.ଏନ): ଦ୍ୱାଦଶ ବିଜ୍ଞାନ ପରୀକ୍ଷା ସୂଚୀରେ ହୋଇପାରେ ପରିବର୍ତ୍ତନ । ଦ୍ୱାଦଶ ବିଜ୍ଞାନ ପରୀକ୍ଷା ସିଡ୍ୟୁଲରେ କମ୍ ଦିନର ବ୍ୟବଧାନ ରହିଛି । ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇବାରୁ ପରୀକ୍ଷାସୂଚୀରେ ସାମାନ୍ୟ ପରିବର୍ତନ ପାଇଁ ସିଏଚଏସଇକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ।ମନ୍ତ୍ରୀ କହିଛନ୍ତି, ବିଜ୍ଞାନ ପିଲାଙ୍କ ପରୀକ୍ଷା ସିଡ୍ୟୁଲରେ କମ୍ ଦିନର ବ୍ୟବଧାନ ରହିଥିବାରୁ ଏଥିରେ ସାମାନ୍ୟ ପରିବର୍ତନ ପାଇଁ ପିଲାମାନେ ଅନୁରୋଧ କରୁଛନ୍ତି । ତେଣୁ ଯଦି ସମ୍ଭବ ହୁଏ ଏଥିରେ ସାମାନ୍ୟ ପରିବର୍ତନ ପାଇଁ ସିଏଚଏସଇକୁ ନିର୍ଦ୍ଦେଶ ଦେଇଛି ।

## ଏପ୍ରିଲ ପହିଲାରୁ ପୁରୀ ସହରର ଦୁଇଟି ରୁଟ୍‌ରେ ଚ଼ାଲିବ 'ମୋ ବସ୍'



ଭୁବନେଶ୍ୱର : ପୁରୀ ସହର ମଧ୍ୟରେ ଚ଼ାଲିବ 'ମୋ ବସ୍' । ଏପ୍ରିଲ୍ ୧ ତାରିଖରୁ ପୁରୀ ସହରରେ 'ମୋ ବସ୍' ଚ଼ଲାଇବା ପାଇଁ ଘୋଷଣା କରିଛନ୍ତି କ୍ୟାପିଟାଲ୍ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) କର୍ତ୍ତୃପକ୍ଷ ।ପ୍ରଥମେ ସହରର ଦୁଇଟି ରୁଟ୍- ୫୨ ଓ ୫୩ ରେ ଗଡ଼ିବ 'ମୋ ବସ୍' । ରୁଟ୍ ନମ୍ବର ୫୨ ଅର୍ଥାତ୍ ପୁରୀ ବସ୍‌ଷ୍ଟାଣ୍ଡ ଓ ଲାଇଟ୍ ହାଉସ୍ ମଧ୍ୟରେ ମୋ ବସ୍ ଚ଼ାଲିବ । ପୁରୀ ବସ୍‌ଷ୍ଟାଣ୍ଡରୁ ମୋ ବସ୍ ବାହାରି ପୁରୀ ରେଳ ଷ୍ଟେସନ୍, ଜିଲ୍ଲା ସ୍କୁଲ୍, ଟୁରିଷ୍ଟ୍ ଅଫିସ୍ ସି ବିଚ୍ ରୋଡ୍, ଚୈତନ୍ୟ ସ୍କୟାର ଓ ସ୍ୱର୍ଗଦ୍ୱାର ଦେଇ ଲାଇଟ୍ ହାଉସ୍‌ରେ ପହଞ୍ଚିବ । ସେହିଭଳି ଲାଇଟ୍ ହାଉସ୍‌ର ଯେଉଁ ବସ୍ ବାହାରିବ ତାହା ଏହି ସବୁ ସ୍ଥାନ ଦେଇ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିବ ।ସେହିଭଳି ରୁଟ୍ ନମ୍ବର ୫୩ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ଓ ପୁରୀ ବସ୍‌ଷ୍ଟାଣ୍ଡ ମଧ୍ୟରେ ଯୋଗାଯୋଗ କରିବ । ମାଳତୀପାଟପୁର ବସ୍ ?ଷ୍ଟାଣ୍ଡରୁ ମୋ ବସ୍ ବାହାରି ବୀରହରେକୃଷ୍ଣପୁର, ବାଟ ମଙ୍ଗଳା ମନ୍ଦିର, ଅଠରନଳା ଓ ମାଟିଆପଡା ସ୍କୟାର ଦେଇ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିବ । ସେହିପରି ପୁରୀ ବସ୍‌ଷ୍ଟାଣ୍ଡରୁ ମୋ ବସ୍ ବାହାରି ଏହି ସବୁ ସ୍ଥାନ ଦେଇ ମାଳତୀପାଟପୁର ବସ୍ ?ଷ୍ଟାଣ୍ଡରେ ପହଞ୍ଚିବ । ସ୍ଥାନ ଦେଇ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ପହଞ୍ଚିବ ।

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
Established U/S 3 of UGC Act, 1956, Bhubaneswar, Odisha, India

Glorious 25 Years as an Institution
25 years as an institution, 18 years as a university

KIITEE 2022

APPLY NOW through KIIT websites www.kiit.ac.in/www.kiitee.ac.in

No Application / Examination Fee
(Computer Based Online Test)

KIIT DU Rank 21 NIRF, MHRD, Govt. of India | Institution of Eminence | Rank 1 ARIIA | 801-1000 By Times Higher Education (THE) World University Ranking 2022 | India's first QS 5 Stars Rated University | QS STARS RATING SYSTEM 2021 | IET The Institution of Engineering and Technology | NAAC A | ISAS Internationalization Strategies Advisory

ACADEMIC PROGRAMMES AVAILABLE

**B.Tech (4 Years) in following branches of Engineering :**
- Civil
- Mechanical
- Electrical
- Electronics & Telecommunication
- Computer Science
- Information Technology
- Electronics & Electrical
- Electronics & Instrumentation
- Mechanical (Automobile)
- Aerospace
- Mechatronics
- Electronics & Computer Science
- Computer Science & Communication
- Chemical Technology
- Computer Science & System Engineering

**Bachelors Programmes**
- B.Tech (4 Yrs)
- B.Tech (Lateral Entry) (3 Yrs)
- B.Arch (5 Yrs)
- Bachelor of Design (Fashion/Textile) (4 Yrs)
- BA.LLB, BBA.LLB & B.Sc.LLB (5 Yrs)
- Bachelor of Film & Television Production (3 Yrs)
- BBA (3 Yrs)
- BCA (3 Yrs)
- B.Sc. Computer Science (3 Yrs)
- B.Sc. Nursing (4 Yrs)
- BA (Hons) in English / Economics / Sociology / Psychology (3 Yrs)
- B.Com. (Hons) (3 Yrs)

**Masters Programmes**
- M.Sc. Biotechnology (2 Yrs)
- M.Sc. Applied Microbiology (2 Yrs)
- M.Sc. in Computer Science (2 Yrs)
- M.Sc. Nursing (2 Yrs)
- Integrated M.Sc. & Ph.D (Phy/Chem/Math) (5 Yrs)
- M.Sc. By Research - S&T Translation (2 Yrs)
- M.Com. (2 Yrs)
- MCA (2 Yrs)
- MBA (2 Yrs)
- MBA in Business Analytics (2 Yrs)
- MBA in Supply Chain Management (2 Yrs)
- MBA in Healthcare Management (2 Yrs)
- MBA in Construction Management (2 Yrs)
- MBA in Rural Management (2 Yrs)
- MBA in Agribusiness Management (2 Yrs)
- B.Tech & M.Tech - Biotechnology (Dual Degree) (5 Yrs)
- M.Tech. (2 Yrs)
- M.Tech. in Defence Technology (2 Yrs)
- Integrated M.Tech & PhD (5 Yrs)
- M.Arch (2 Yrs)
- M.A in English/Economics/ Sociology/Psychology (2Yrs)
- M.A in Spiritualism (2 Yrs)
- M.A in Yoga Therapy (2 Yrs)
- M.A in Public Policy (2 Yrs)
- M.A in Leadership (2 Yrs)
- M.A in Anthropology (2 Yrs)
- Master of Public Health (2 Yrs)
- Master of Hospital Administration (2 Yrs)
- Master of Mass Communication (2 Yrs)
- Master of Mass Communication (Integrated) (5 Yrs)
- LLM (2 Yrs)
- Ph.D Programmes

CAMPUS PLACEMENT 2022 HIGHLIGHTS
400+ Companies | 4500+ Job offers | 90% Students already placed | ₹52 lakhs Highest CTC offered | 2000+ Paid internship opportunities

**Director, Admissions:**
Admission Cell, Koel Campus, Po- KIIT, Bhubaneswar-751024, Odisha, India
Ph: 8114373311/12/13/14/15, 0674-2741747, Fax : 0674 - 2741465
Email: admission@kiit.ac.in, **Websites: www.kiitee.kiit.ac.in & www.kiit.ac.in**
Google play

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପ୍ରାକୃତିକ ବିଭବର ଅସରନ୍ତି ଭଣ୍ଡାର କେଦାର କଣ୍ଠ



ଆମ ଦେଶରେ ହଜାର ପର୍ଯ୍ୟଟନ ସ୍ଥଳ, ପ୍ରାକୃତିକ ବିଭବ ଓ ଦେବୀ ଦେବତାଙ୍କ ମନ୍ଦିର ଆଦି ଦେଶର ମହାନତାକୁ ବିଶ୍ୱରେ ପରିଚିତ କରାଇଛି। ସେହି ମହାନ ସ୍ଥଳଗୁଡ଼ିକ ମଧ୍ୟରେ ଉତରାଖଣ୍ଡ ରାଜ୍ୟରେ ଅବସ୍ଥିତ କେଦାର କଣ୍ଠ ପ୍ରାକୃତିକ କ୍ଷେତ୍ର ଅନ୍ୟତମ। ଏହା ହିମାଳୟ ପର୍ବତର ଏକ ପ୍ରମୁଖ ଶିଖର। ଏହାର ଉଚତା



୧୨,୫୦୦ ଫୁଟ। ଉତ୍ତରାଖଣ୍ଡର ବିଭିନ୍ନ ମନୋରମ ସ୍ଥାନ ମଧ୍ୟରେ ଏହା ଅନ୍ୟତମ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, କେଦାର କଣ୍ଠ ଉତ୍ତରକାଶୀ ଜିଲ୍ଲାରେ 'ଗୋବିନ୍ଦ ବନ୍ୟପ୍ରାଣୀ ଅଭୟାରଣ୍ୟ' ଭିତରେ ଅବସ୍ଥିତ, ଯେଉଁଠି ବିଭିନ୍ନ ପ୍ରକାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ମିଳିଥାଏ। ଭାରତର ସବୁଠୁ ପ୍ରସିଦ୍ଧ ଉଇଣ୍ଟର ଟ୍ରେକ୍ ମଧ୍ୟରେ ଏହା ସ୍ୱତନ୍ତ୍ର ଓ ଅଦ୍ୱିତୀୟ। "ଗୋବିନ୍ଦ ବନ୍ୟପ୍ରାଣୀ ଅଭୟାରଣ୍ୟ" ତଥା "ଜାତୀୟ ଉଦ୍ୟାନ" ଭିତରେ ପଡୁଥିବା ଏହି ଅତି ମନୋରମ ଦୃଶ୍ୟକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ପ୍ରବଳ ଥଣ୍ଡାରେ ଡ଼େରାଡୁନ୍ ରୁ ମଶୂରୀ ଦେଇ ସାଂକରୀ ଗାଁ ପର୍ଯ୍ୟନ୍ତ ପହଂଚିବା ଏତେ ସହଜ ନୁହେଁ। ତେବେ କେଦାର କଣ୍ଠ ଭ୍ରମଣ ସାଂକରୀ ଗାଁ ରୁ ହିଁ ଆରମ୍ଭ ହୋଇଥାଏ। ଏଥିଯୋଗୁ ଟୁରିଷ୍ଟ ମାନଙ୍କ ପାଇଁ ଏହି ଗାଁରେ ପହଂଚିବାକୁ ହୋଇଥାଏ। ତେବେ ଏଥର କେଦାର କଣ୍ଠ ସଂପର୍କରେ ଆଲୋଚନାର ଆବଶ୍ୟକତା ରହିଛି।



କେଦାର କଣ୍ଠ 'କେଦାର' ଅର୍ଥ ଭଗବାନ ଶିବ ଓ କଣ୍ଠ ଅର୍ଥ ଗଳା ଅର୍ଥାତ୍ ଭଗବାନ ଶିବଙ୍କ ଗଳା। ଅନ୍ୟପକ୍ଷରେ କେଦାର କଣ୍ଠକୁ ନେଇ ଅନେକ ମାନ୍ୟତା



ରହିଛି। ହେଲେ ଅଧିକାଂଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମତରେ ଏହା ମୂଳରୁ କେଦାରନାଥ ମନ୍ଦିର ଥିଲା। ଏହା ବିଶ୍ୱାସ କରାଯାଏ ଯେ, ଭଗବାନ ଶିବ ହିମାଳୟରେ ରହୁଥିଲେ। ଏଣୁ ପାହାଡ଼ ଗୁଡ଼ିକ ମଧ୍ୟରେ ପ୍ରାଚୀନ ଶିବ ମନ୍ଦିର ମାନ ରହିଛି। ସେମାନଙ୍କର ମହାଭାରତ ସହିତ ସଂପର୍କ ଥିଲା। କୁହାଯାଏ, ମହାଭାରତ ଯୁଦ୍ଧ ପରେ ପାଣ୍ଡବ ମାନେ ଭଗବାନ ଶିବଙ୍କ ଠାରୁ ଆଶୀର୍ବାଦ ନେବା ପାଇଁ ହିମାଳୟ ଯାଇଥିଲେ। କିନ୍ତୁ ଭଗବାନ ଶିବ ସେମାନଙ୍କ ପାଖକୁ ଆସିଲେନାହିଁ। ବରଂ ଭଗବାନ ଶିବ ମଇଁଷି ରୂପ ଧାରଣ କଲେ ଓ ପାଣ୍ଡବ ମାନଙ୍କୁ ଦେଖା ଦେଲେ ନାହିଁ। ଏତିକିବେଳେ ହଠାତ୍ ଭୀମ ମଇଁଷି ଦଳକୁ ଦେଖି ଚାଲାକି ଦେଖାଇବାକୁ ଲାଗିଲେ। ଭୀମ ଚଟାଣ ଉପରେ ଗୋଡ଼ ଲମ୍ବାଇ ଛିଡ଼ା ହୋଇଗଲେ। ସବୁ ମଇଁଷି ଭୀମଙ୍କ ପାଖ ଦେଇ ଆଗକୁ ଚାଲିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଗୋଟିଏ ମଇଁଷି (ଲୋକେ ବଳଦ ବୋଲି ମଧ୍ୟ କୁହନ୍ତି, ଯିଏ ଶିବଙ୍କ ରୂପ ଧାରଣ କରିଥିଲେ), ଭୀମଙ୍କ ଗୋଡ଼ ପାଖ ଦେଇ ଯିବାକୁ ମନା କରିଦେଲେ ଓ ପରିଣତି ସ୍ୱରୂପ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ଏଥିରେ ଭୀମ ମଇଁଷି ମାନଙ୍କୁ ଟୁକୁଡ଼ା ଟୁକୁଡ଼ା କରିଦେଲେ।

ଯେଉଁ ସ୍ଥାନରେ ଏହି ଟୁକୁଡ଼ା ସବୁ ପଡ଼ିଲା, ପରେ ପାଣ୍ଡବ ମାନେ ପୂଜା କରିବା ପାଇଁ ସେଠାରେ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ, ଏହି ମନ୍ଦିର ଯେତେବେଳେ ତିଆରି ହେଉଥିଲା, ସେହି ହିଁ ଅସଲୀ କେଦାରନାଥ ମନ୍ଦିର ହେବାର ଥିଲା, ମାତ୍ର ସେତେବେଳେ ହଠାତ୍ ଗାଈ ମାନଙ୍କର ସ୍ୱର ଶୁଣିବାକୁ ମିଳିଲା। ଆମ ସମସ୍ତଙ୍କୁ ଜଣା ଯେ, ଭଗବାନ ଶିବ ସବୁବେଳେ ଧ୍ୟାନରେ ମଗ୍ନ ରହିଥାନ୍ତି। ଏଥିଯୋଗୁ ଏଠାକାର ବନ୍ୟଜନ୍ତୁଙ୍କ ଚିତ୍କାରରେ ଶାନ୍ତି ଭଙ୍ଗ ହେବା ଆଶଙ୍କାରେ ଭଗବାନ ଶିବ ଏଠାରୁ ଚାଲିଗଲେ ଓ କେଦାରନାଥରେ ରହିଲେ। ସେପର୍ଯ୍ୟନ୍ତ ଏହି ମନ୍ଦିର ଭଗବାନ ଶିବଙ୍କ ଗଳା ବା କଣ୍ଠ ପର୍ଯ୍ୟନ୍ତ ତିଆରି ହୋଇଥିଲା। ଏହି କାରଣରୁ ଏହାକୁ କେଦାର କଣ୍ଠ ବା କେଦାର କାଣ୍ଠା କୁହାଯାଏ।

ହିମାଳୟ କୋଳରେ ଖୁବ ସୁନ୍ଦର ସୁନ୍ଦର ଉଚ୍ଚ ପର୍ବତ ମାଳା ପୃଥିବୀରେ ଯେମିତି ଭଗବାନଙ୍କ ଉପହାରଠାରୁ କିଛି କମ୍ ନୁହେଁ। ଏହାର କୋଳରେ ହିଁ କେଦାର କଣ୍ଠ ଭ୍ରମଣ କରାଯାଏ। ନିଜର ଖୁବ ସୁନ୍ଦର ପାହାଡ଼ ଶ୍ରେଣୀ ପାଇଁ ଆଜି ଏହା ଭାରତର ସବୁଠୁ ପସନ୍ଦର ପର୍ଯ୍ୟଟନ ସ୍ଥଳ ଭାବରେ ପରିଚିତ ହୋଇଛି। କେଦାର କଣ୍ଠ ଶିଖରରୁ ହିମାଳୟର ମନୋରମ ପାହାଡ଼ ଗୁଡ଼ିକୁ ଦେଖିବା ଏକ ସୁଖମୟ ଅନୁଭବ ଅଟେ। ଏପରିକି ଲାଗିବ ଯେମିତି ସେ ଆପଣଙ୍କୁ ତା'ଆଡକୁ ଆକର୍ଷିତ କରୁଛି। ସେହିପରି ଏଠାକାର ଶାନ୍ତି ଆପଣଙ୍କୁ ଏପରି ଲାଗିବ, ଯେମିତି ଏହି ସୁଖଦ ମୁହୂର୍ତ୍ତକୁ ଆପଣ କେବେ ଠାରୁ ଅପେକ୍ଷା କରୁଥିଲେ। ଏଥିସହିତ ଏଠାରେ ଭ୍ରମଣ କରିବା ମଧ୍ୟ ନିଜ ପାଇଁ ଏକ ସୁଖଦ ଅନୁଭବ ଅଟେ।

**ଶରତ କୁମାର ରାଉତ,**
**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,**
**ମୋ-୯୩୩୭୩୬୯୪୪୮**

# ମହିଳା ଡ୍ରାଇଭରଙ୍କର ସଂଖ୍ୟା ପାଞ୍ଚବର୍ଷରେ ୩୩ ପ୍ରତିଶତ



ନିକଟରେ ବିଶ୍ୱ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଅବଳା ଦୁର୍ବଳା ଭଳି ଦୀର୍ଘକାଳ ଧରି ଚାଲି ଆସିଥିବା କଥାକୁ ସାମ୍ପ୍ରତିକ ସମୟରେ ଭୁଲ ବୋଲି ପ୍ରମାଣିତ କରି ସାରିଛନ୍ତି ମହିଳା। ପରିବାରର ମଙ୍ଗ ଧରିଥିବା ମହିଳା ଏବେ ସଶକ୍ତ ହୋଇଛନ୍ତି ଏବଂ ଗାଡ଼ି ଷ୍ଟିଅରିଂ ଧରି ରାସ୍ତାରେ ବି ରାଜୁତି ଆରମ୍ଭ କରିଛନ୍ତି। ପୁରୁଷ କୈନ୍ଦ୍ରିକ ସମାଜରେ ନିଜର ଅସ୍ତିତ୍ୱ ଜାହିର କରିବା ସହ ରୋଜଗାର କରି ନିଜ ପରିବାର ଲୋକଙ୍କ ସହ କାନ୍ଧ ମିଳାଇବା ପାଇଁ ସେମାନଙ୍କର ପଦକ୍ଷେପ ପ୍ରଶଂସା ଯୋଗ୍ୟ। ଆଉ ଏଥିପାଇଁ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ମହିଳାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି ସୁଯୋଗ। ବର୍ତ୍ତମାନ ରାଜ୍ୟରେ ସରକାରଙ୍କ ପକ୍ଷରୁ ଦିଆଯାଇଛି ସୁଯୋଗ। ବର୍ତ୍ତମାନ ରାଜ୍ୟରେ ମହିଳା ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଜୀବନରେ ନୂଆ ରାହା ଦେଖାଇଛି ଡିଟିଆଇ। ମହିଳାମାନେ ଏବେ ଉଭୟ ଭାରୀ ଓ ହାଲୁକା ଯାନ ଚାଳନା ପ୍ରଶିକ୍ଷଣ ନେଇ ଷ୍ଟିୟରିଂ ଧରିଛନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ମହିଳା ଡ୍ରାଇଭର ସଂଖ୍ୟା ଓଡ଼ିଶାରେ ୩୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୭ ମସିହାରେ ୨୫୦୮୬ ମହିଳା ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ। ୨୦୨୧ରେ ଏହା ୩୩୬୬୬କୁ ବୃଦ୍ଧି ପାଇଛି। ୨୦୧୯ ଓ ୨୦୨୦ ମସିହା ମହିଳା ଡ୍ରାଇଭିଂ ଲାଇସେନ୍ସଧାରୀଙ୍କ ସଂଖ୍ୟା ୩୬ ହଜାରରୁ ଉର୍ଦ୍ଧ୍ୱ ଥିଲା। ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ପରିବହନ ବିଭାଗ ଓ ଓଡ଼ିଶା ସରକାର ମହିଳାମାନଙ୍କୁ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ଭୁବନେଶ୍ୱର ଓ ଏଚଏମଭି ଡ୍ରାଇଭିଂ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ ଛତିଆରେ ମାଗଣା ବୃତ୍ତିଗତ ଡ୍ରାଇଭିଂ ତାଲିମ ପ୍ରଦାନ କରିଛନ୍ତି। ବର୍ଷ ବର୍ଷ ଧରି ଉଭୟ ଅନୁଷ୍ଠାନରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୧୬-୧୭ରେ ଭୁବନେଶ୍ୱର ଡିଟିଏସରେ ୨୫ ଜଣ ମହିଳା ପ୍ରଶିକ୍ଷଣ ନେଇଥିଲେ। ବର୍ତ୍ତମାନ ୯୦ଜଣ ମହିଳା ପ୍ରଶିକ୍ଷଣ ନେଇ ବ୍ୟବସାୟିକ ଯାନ ଚଳାଇବା ପାଇଁ ଶିକ୍ଷା ନେଉଛନ୍ତି। ସେମାନଙ୍କ ମଧ୍ୟରୁ ୬୦ଜଣ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ସହ ଜଡ଼ିତ। ଛତିଆରେ ମଧ ଏଚଏମଭି ଡିଟିଆଇରେ ମହିଳାଙ୍କ ନାମ କ୍ରମାଗତଭାବେ ବୃଦ୍ଧି ପାଇଛି। ଗତ ୩-୪ ବର୍ଷ ମଧ୍ୟରେ ପ୍ରାୟ ୬୦ଜଣ ମହିଳାଙ୍କୁ ତାଲିମ ଦିଆଯାଇଛି। ପ୍ରଶିକ୍ଷଣ ଡ୍ରାଇଭର ମାନଙ୍କୁ ଏହି ଅନୁଷ୍ଠାନ ଜୀବିକା ଏବଂ ଚାକିରୀଜନିତ ସହାୟତା ଯୋଗାଇ ଦେଉଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଜଣ ପାଠ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ପରେ ଘରୋଇ ଓ ସରକାରୀ ଏଜେନ୍ସି ଗୁଡ଼ିକରେ କାର୍ଯ୍ୟରତ ଅଛନ୍ତି। ମହିଳା ପ୍ରଶିକ୍ଷକମାନେ ସଫ୍ଟ ସ୍କିଲ ସହିତ ନିୟମିତ ଭାବରେ ଡ୍ରାଇଭିଂ ମଧ ଶିଖାଉଛନ୍ତି। ଏଥିପାଇଁ ୩୦ ଦିନର ଆବାସିକ ଏଚଏମଭି ଡ୍ରାଇଭିଂ ତାଲିମ ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳାମାନଙ୍କ ଦକ୍ଷତା ବିକାଶ ଜରିଆରେ କର୍ମନିଯୁକ୍ତି ଯୋଗାଇ ପାଇଁ ଏସଟିଏ ଏବଂ ରାଜ୍ୟ ରୋଜଗାର ମିଶନ ପକ୍ଷରୁ ସ୍ୱତନ୍ତ୍ର ଯୋଜନାରେ ପ୍ରଶିକ୍ଷଣ ଦିଆଯାଉଛି। ରାଜ୍ୟରେ ମହିଳା ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ମାତ୍ର ଅନ୍ୟ ରାଜ୍ୟ ତୁଳନାରେ ଏହି ସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବ। ମହିଳାମାନେ ଗାଡ଼ି ଚଳାଇବା ଶିଖିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼ିବା ସହ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ନାହାଁନ୍ତି। ପ୍ରଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ, ରହିବା, ଖାଦ୍ୟପେୟର ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବାବେଳେ ସେମାନଙ୍କୁ ଚାକିରୀ ଯୋଗାଇ ଦିଆଯାଉଛି। ଆଗକୁ ଆହୁରି ଅଧିକ ମହିଳାଙ୍କୁ ସୁଯୋଗ ଦିଆଯିବ। ଓଡ଼ିଶା ସରକାରଙ୍କର ପରିବହନ ବିଭାଗ ଅନେକ ଲୋକପ୍ରିୟ ଯୋଜନା ହାତକୁ ନେଉଥିବାବେଳେ ବିଶେଷକରି ମହିଳା ମାନଙ୍କୁ ଗାଡ଼ି ଡ୍ରାଇଭିଂର ଉତ୍ତମ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମଧ ଦିଆଯାଉଛି। ଏହାର ବଡ଼ ସୁଯୋଗ ସେମାନେ ନେବା କଥା।

**ନାଟ୍ୟ ସାରଥି ଅଭୟ କୁମାର ଦାସ,**
**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

# ଗ୍ରୀଷ୍ମ ପ୍ରବାହ ଓ ପରିଚାଳନା



ରାଜ୍ୟରେ ଗ୍ରୀଷ୍ମର ପ୍ରଭାବ ଅସହ୍ୟ ହେଲାଣି । ଆଭ୍ୟନ୍ତରୀଣ ଓଡିଶାରେ ତାପମାତ୍ରା ୪୦ ଡିଗ୍ରୀ ରହିଛି। ଗତ ମଙ୍ଗଳବାର ଅନୁଗୁଳ ସବୁଠାରୁ ଉତ୍ତପ୍ତ ଥିଲା। ଏଠାରେ ତାପମାତ୍ରା ଥିଲା ୩୯.୭ ଡିଗ୍ରୀ। ଗତ ମଙ୍ଗଳବାର ରାଜ୍ୟର ୪ଟି ସହରରେ ତାପମାତ୍ରା ୩୯ ଡିଗ୍ରୀ ପାର ହୋଇଥିଲା । ସେହିପରି ୧୨ ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ ବା ତାଠାରୁ ଅଧିକ ରହିଛି । ସୋନପୁରରେ ୩୯.୫ ଡିଗ୍ରୀ ,ବାରିପଦାରେ ୩୯.୨ ଡିଗ୍ରୀ ,ଟିଟିଲାଗଡ ଏବଂ ବୌଦ୍ଧ ୩୯ ଡିଗ୍ରୀ , ଭୁବନେଶ୍ୱରରେ ୩୮.୧ ଡିଗ୍ରୀ, କଟକରେ ୩୮ ଡିଗ୍ରୀ, ସମ୍ବଲପୁରରେ ୩୮.୬ଡିଗ୍ରୀ,ଭଦ୍ରକରେ ୩୮.୨ ଡିଗ୍ରୀ, ଯାଜପୁର,ନୟାଗଡ ଓ ତାଳଚେରରେ ତାପମାତ୍ରା ୩୮ଡିଗ୍ରୀ ରେକର୍ଡ ହୋଇଛି । ଅନ୍ୟପକ୍ଷରେ ହିଟ୍ ୱେଭକୁ ନେଇ ସର୍ତକ କରାଇଛନ୍ତି ଏସ୍ଆରସି । ପାଣିପାଗ ବିଶେଷଜ୍ଞଙ୍କ ମତରେ ଭାରତ ମହାସାଗର-ଦକ୍ଷିଣ ପଶ୍ଚିମ ମହାସାଗରରେ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ବଳ ଗୋଟାଇ ବାତ୍ୟାର ରୂପ ନେଇପାରେ । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ମାର୍ଚ୍ଚରେ ଯେଉଁ ଲଘୁଚାପ ସୃଷ୍ଟି ହୁଏ ତାହାର ପ୍ରଭାବ ଓଡିଶା ଉପରେ ପ୍ରାୟ ପଡିନଥାଏ। ସେ ଯାହା ହେଉ ନା କାହିଁକି ବାତ୍ୟାର ଆକଳନ କରାଯାଇନଥିବା ଜଣା ପଡିଛି ।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶିତ ତଥ୍ୟ ଆଧାରରେ ଅନୁଗୁଳ, ବାଲେଶ୍ୱର, ବୌଦ୍ଧ , ବଲାଙ୍ଗିର , ଝାରସୁଗୁଡା , ଖୋର୍ଦ୍ଧା,ମୟୁରଭଞ୍ଜ ଓ ସୋନପୁର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି ଏସ୍ ଆରସି ଏସଂକ୍ରାନ୍ତରେ ଲୋକମାନଙ୍କୁ ଅବଗତ କରାଇବାକୁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦିଆଯାଇଛି । ଶିଶୁ, ବୟସ୍କ, ଅସୁସ୍ଥ ଲୋକ ଘରୁ ନବାହାରିବାକୁ କୁହାଯାଇଛି । ଦ୍ୱିପ୍ରହରରେ ଘରୁ ବାହାରିଲେ ଆବଶ୍ୟକ ପଦକ୍ଷେପ ନେଇ ବାହାରିବା ପାଇଁ ସୂଚନା ଦିଆଯାଇଛି । ଗ୍ରୀଷ୍ମ ଲହରୀକୁ ନେଇ ଲୋକଙ୍କୁ ଅବଗତ କରାଇବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି । ମୋଟାମୋଟି ଭାବେ ୧୬ ତାରିଖ ଠାରୁ ୧୯ ତାରିଖ ଯାଏ ଗ୍ରୀଷ୍ମ ପ୍ରଭାବ ନେଇ ସର୍ତକ ରହିବାକୁ ଚିଠିରେ ଉଲ୍ଲେଖ ରହିଛି । ଏପରିକି ହିଟ୍ ୱେଭ୍ ମୁକାବିଲା ଲାଗି ପରିବହନ ବିଭାଗ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ସର୍ବୋପରି ପରିସ୍ଥିତିକୁ ଦେଖି ଆବଶ୍ୟକ ବ୍ୟବସ୍ଥା ଗ୍ରହନ କରିବାକୁ ସବୁ ଜିଲ୍ଲାପାଳ ମାନଙ୍କୁ ସୂଚନା ଦେଇଛନ୍ତି ଏସ୍ଆରସି ପ୍ରଦୀପ ଜେନା।

ବଢୁଛି ତାପମାତ୍ରା, ବଦଳୁଛି ପରିବେଶ। ପ୍ରକୃତି ଉପରେ ଅଧିକ ହସ୍ତକ୍ଷେପ ଯୋଗୁଁ ଶ୍ରୀହୀନ ହେବାରେ ଲାଗିଛି ସବୁଜ ପୃଥିବୀ। ଏହି କ୍ଷେତ୍ରରେ ବିଶ୍ୱ ତାପାୟନ ମୁଖ୍ୟକାରଣ ଭାବେ ଉଭା ହୋଇଛି। ଦୈନନ୍ଦିନ ଜୀବନରେ ମଣିଷ ବ୍ୟବହାର କରୁଥିବା ବିଭିନ୍ନ ବିଳାସ ପୂର୍ଣ୍ଣ ଆସବାବ ପତ୍ର, ଯାନ ବାହାନ, ଶିଳ୍ପସଂସ୍ଥାରୁ ନିର୍ଗତ ବିଷାକ୍ତ ବାଷ୍ପ, ବାୟୁରେ ଉତ୍ତାପ ସୃଷ୍ଟିକାରୀ ଅଙ୍ଗାରକାମ୍ଳ ଗ୍ୟାସ ଯୋଗୁଁ ବିଶ୍ୱ ତାପାୟନ ବଢିଚାଲିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଲ୍-ନିନୋ ଭଳି ସମସ୍ୟା ଦେଖାଦେଉଛି। ଫଳସ୍ୱରୂପ ତାପମାତ୍ରାରେ ଏଭଳି ପରିବର୍ତ୍ତନ ଦେଖାଦେଉଛି। ସୂଚନାଯୋଗ୍ୟ ଯେ, ଅନେକ ସମୟରେ ଫେବୃଆରୀରେ ରାଜଧାନୀରେ ତାପମାତ୍ରା ୪୦ଡିଗ୍ରୀ ପାର କରିବାର ଉଦାହରଣ ରହିଛି। ୧୯୬୩ ଫେବୃଆରୀ ୨୩ରେ ଭୁବନେଶ୍ୱର ତାପମାତ୍ରା ୪୨.୭ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା। ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି ବୋଲି ବିଶେଷଜ୍ଞ ମାନେ କହୁଛନ୍ତି।

ଛଅ ଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଁଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ ତାତି ଚିନ୍ତାଜନକ ହୋଇରହିବ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ। ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି ।୧୯୯୯ର ମହାବାତ୍ୟା ଠାରୁ ଆରମ୍ଭ କରି ଫୋନି ଓ ଆମ୍ଫାନ, ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳା ଏବଂ ୨୦୧୫ରେ ନେପାଳର ହୋଇଥିବା ଭୟଙ୍କର ଭୂକମ୍ପ ପ୍ରଭାବ ଜନଜୀବନକୁ କିପରି ପ୍ରଭାବିତ କରିଥିଲା ତାହା ଏବେ ସମସ୍ତେ ଜାଣିଛେ ।

ଉତ୍ତରାଖଣ୍ଡରେ ଅତିତରେ ଘଟିଥିବା ମହାପ୍ରଳୟ ଓ ବାଦଲ ଫଟା ବର୍ଷା ମନକୁ ଆସିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ମାତ୍ର ୩୦୦ବର୍ଷ ଭିତରେ ମଣିଷର ଶିଳ୍ପ ବିପ୍ଳବ ଧରିତ୍ରୀକୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି। ସର୍ବଂସହା ଧରିତ୍ରୀର ନୀରବତାର ସୁଯୋଗ ନେଇ ଆମେ ପରିବେଶକୁ ଆମେ ନିଜେ ନଷ୍ଟ କରୁଛେ। ସୁନ୍ଦର ସବୁଜ ଧରିତ୍ରୀ ଆଜି ବିବର୍ଣ୍ଣ ଦିଶୁଛି। ସେଥିପାଇଁ ଆମେ ଦାୟୀ। ତେଣୁ ପୃଥିବୀର ପୁନରୁଦ୍ଧାର ବି ଆମର ଦାୟିତ୍ୱ। ତେଣୁ ଜଳବାୟୁ ପରିବର୍ତ୍ତନ ଲାଗି ଦାୟୀ କାରଣ ଗୁଡିକୁ ଯଥାଶୀଘ୍ର ନିୟନ୍ତ୍ରଣ କରିବା ଓ ପ୍ରକୃତିକୁ କ୍ଷତି ପହଞ୍ଚାଇବା ଭଳି ଗତିବିଧିକୁ କମ୍ କରିବା ଆମର ଦାୟିତ୍ୱ ।

**ହିମାଂଶୁଶେଖର ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ,**
**ଜଗତସିଂହପୁର, ମୋ: ୯୯୩୭୧୫୧୦୫୨**

# ଜିଲା ପରିଷଦ ସଭାପତି ନିର୍ବାଚନ: ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେଲେ ଗୀତାଞ୍ଜଳି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। କିନ୍ତୁ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ନିର୍ଦ୍ୱନ୍ଦ୍ୱରେ ଜିଲ୍ଲା ପରିଷଦର ସଭାପତି ଭାବେ ବିଜୟୀ ହୋଇଛନ୍ତି ଗୀତାଞ୍ଜଳି ସେଠୀ। ସଭାପତି ପଦ ନିମନ୍ତେ ବିଜେଡି ପକ୍ଷରୁ କେବଳ ଡେରାବିଶ ବ୍ଲକର ଜୋନ ନମ୍ବର - ୧୩ରୁ ବିଜୟୀ ହୋଇଥିବା ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ସେଠୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶ୍ରୀମତୀ ସେଠୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ରେ ପୂର୍ବାହ୍ନ ୧୦ଟାରେ ପହଞ୍ଚି ନିର୍ବାଚନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନଥିଲେ। ତେଣୁ ନିର୍ବାଚନ ଅଧିକାରୀ ଗୀତାଞ୍ଜଳି ସେଠୀଙ୍କୁ ଜିଲ୍ଲା ପରିଷଦର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ବିଜୟୀ



ହୋଇଥିବା ଘୋଷଣା କରିଥିଲେ। ଏହାପରେ ଗୀତାଞ୍ଜଳି ଜିଲ୍ଲା ପରିଷଦ ସଭାପତିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଦାୟୀ ସଭାପତି ମାନସ କୁମାର ପରିଡ଼ା ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ବିଜେଡି ଜିଲ୍ଲା ସଭାପତି ଉତ୍କଳକେଶରୀ ପରିଡ଼ା, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଲିଳିତା ଦାସ, ୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ମଧୁଛନ୍ଦା ମହାନ୍ତି, ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ୧୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଦେବଦାସ ମହାନ୍ତି, ବିଜେଡି ଆଇନ୍‌ଜୀବୀ ସାମୁଖ୍ୟର ଆବାହକ ଭୀମସେନ ଭୂୟାଁ, କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜ ସାହୁ, ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗୀତାଞ୍ଜଳିଙ୍କ ବିଜୟରେ ତାଙ୍କ ସମର୍ଥକମାନେ ଡିଆରଡିଏ କାର୍ଯ୍ୟାଳୟ ବାହାରେ ଆତସବାଜି ଫୁଟାଇଥିଲେ।

# ବିଜୁ ଆଦର୍ଶ ବସ୍ତି ନିର୍ମାଣ ଯୋଜନା ଅର୍ଥ ଲୁଟ୍‌ର ମାଧ୍ୟମ ନ ହେଉ

ରାଉରକେଲା (ପିଏନ୍): ରାଜ୍ୟ ସରକାରଙ୍କ ୫ଟି ବିଭାଗ ଅନ୍ତର୍ଗତ ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ବିଜୁ ଆଦର୍ଶ ବସ୍ତି ନିର୍ମାଣ କାର୍ଯ୍ୟକ୍ରମ ରାଉରକେଲା ସହରରେ ମହାନଗର ନିଗମ ତରଫରୁ ହାତକୁ ନିଆଯାଇଛି, ତାହାକୁ ଅର୍ଥ ଲୁଟ୍‌ର ମାଧ୍ୟମ ନ କରିବା ପାଇଁ ଜିଲ୍ଲା କଂଗ୍ରେସ ତରଫରୁ ଦାବି କରାଯାଇଛି । ଏକ ପ୍ରେସ୍ ବିବୃତିରେ ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ରାଉରକେଲାର ସହରର ୮୨ଟି ବସ୍ତିକୁ ବିଜୁ ଆଦର୍ଶ ବସ୍ତିରେ ପରିଣତ କରିବା ପାଇଁ ଯୋଜନା କରାଯାଇଥିବା ବେଳେ ଅଦ୍ୟାବଧି ୬ଟି ବସ୍ତିକୁ ଏହି ଯୋଜନାରେ ବିକଶିତ କରାଯାଇ ଆଦର୍ଶ କଲୋନୀର ମାନ୍ୟତା ଦିଆଯାଇଛି । ଯେଉଁଥିରେ କି ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ବସବାସ କରୁଥିବା ସିଭିଲ ଟାଉନସିପ୍‌ର ମାନଟୋଲା ବସ୍ତି ଅ'ର୍ଗତ ରହିଛି । ତେବେ ଏହି ଆଦର୍ଶ କଲୋନୀ/ବସ୍ତି କାର୍ଯ୍ୟକ୍ରମର ଅନୁଧ୍ୟାନ ପାଇଁ ଆଜି ତା-୨୦.୩.୨୨ ରିଖରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଦଳୀୟ ସହକର୍ମୀଙ୍କ ସହିତ ମାନଟୋଲା ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ । ଦୁଇ ଭାଗରେ ବିଭକ୍ତ ଥିବା ମାନଟୋଲା ବସ୍ତିର ଉପର ଭାଗରେ ଗୋଟିଏ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ ଶୌଚାଳୟ ପାର୍ଶ୍ୱରେ କିଛି ଜାଗାକୁ ବିକଶିତ କରାଯାଇ ଥିବା ଦେଖିବାକୁ ପାଇଥିଲେ । ବସ୍ତିର ମୁଖ୍ୟ ରାସ୍ତାଟି ପୂର୍ବରୁ କଂକ୍ରିଟ୍ ହୋଇଥିବା ବେଳେ ଇତିମଧ୍ୟରେ ତାହା ଭାଙ୍ଗିରୁଜି ଯାଇଥିବାର ଦେଖିଥିଲେ । ବସ୍ତିର ଆଭ୍ୟ'ରୀଣ ଅଞ୍ଚଳରେ ଏ ପର୍ଯ୍ୟ' ପକ୍କାରାସ୍ତା ନିର୍ମାଣ ହୋଇନଥିବା ବେଳେ ଅନେକ ସ୍ଥାନରେ ନାଳି ମଧ ନିର୍ମାଣ ହୋଇ ନାହିଁ । ଯେଉଁ ନାଳି ନିର୍ମାଣ ହୋଇଛି ତାହା ସଫେଇ ଅଭାବରୁ ଆବର୍ଜନାରେ ପୂର୍ଣ୍ଣ ହୋଇ ରହିଛି । ନିମ୍ନମାନର କାର୍ଯ୍ୟ ଯୋଗୁ ଶୌଚାଳୟରୁ ମଧ ସିମେଣ୍ଟ ଖସିବା ଆରମ୍ଭ କଲାଣି । ବର୍ଷାଜଳ ସଂରକ୍ଷଣ ପାଇଁ କରାଯାଇଥିବା ନାଳି ଓ ପିଟ୍ ନିର୍ମାଣ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି । ବସ୍ତିର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କେତେକ ଝୁମ୍ପୁଡି ଘର କାନ୍ଥକୁ ବିଭିନ୍ନ ଚିତ୍ର ପେଣ୍ଟିଂ କରି ବସ୍ତିକୁ ଆଦର୍ଶ ବସ୍ତିର ମାନ୍ୟତା ଦିଆଯାଇଛି ବୋଲି ଶ୍ରୀ ସେନାପତି କହିଛ'ି । ସେହିପରି ବସ୍ତିରେ ବସବାସ କରୁଥିବା ଅତ୍ୟ' ଗରିବ ଲୋକମାନଙ୍କ ପାଇଁ କୌଣସି କର୍ମନିଯୁକ୍ତି ନଥିବା ବେଳେ କିଛି ଗରିବ ଲୋକଙ୍କ ଝୁମ୍ପୁଡି ଘର ମାଟିରେ ମିଶିବାକୁ ବସିଲାଣି । ଅପରପକ୍ଷରେ ତଳ ମାନଟୋଲା ବସ୍ତିରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ଅତ୍ୟ' ନିମ୍ନମାନର କାମ ଯୋଗୁଁ ବିଛାଯାଇଥିବା ଟାଇଲ୍ ସବୁ ଭାଙ୍ଗି ଗଲାଣି । ଏହି ବସ୍ତିରେ କୌଣସି ପକ୍କାରାସ୍ତା ନିର୍ମାଣ ହୋଇନଥିବା ବେଳେ ବସ୍ତିର ଉଭୟ ପାର୍ଶ୍ୱରେ କଚ୍ଚାନାଳି ଆବର୍ଜନା ପୂର୍ଣ୍ଣ ଉକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଯେଉଁ ପକ୍କାନାଳି ନିର୍ମାଣ ହୋଇଛି ତାହା ମଧ ଆବର୍ଜନାରେ ପୂର୍ଣ୍ଣ ହୋଇଥିବା ବେଳେ ସେହି ନାଳିକୁ ଲାଗି ପାନୀୟ ଜଳ ସଂଗ୍ରହ ପାଇଁ ପାଣି ଟ୍ୟାପ୍ ଦିଆଯାଇଛି । ଅତ୍ୟନ୍ତ ଦୟନୀୟ ତଥା ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଉଭୟ ବସ୍ତିରେ ଶ୍ରମିକ ଦିନମଜୁରିଆ ଶ୍ରେଣୀର ଗରିବ ବସ୍ତିବାସୀମାନେ ଏବେ ଦୟନୀୟ ଅବସ୍ଥାରେ ବାସବାସ କରୁଥିବା ବେଳେ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ଏହାକୁ ବିଜୁ ଆଦର୍ଶ କଲୋନୀର ମାନ୍ୟତା ଦେଇ ଗଣମାଧ୍ୟମରେ ନିଜର ଡିଣ୍ଡିମ ପିଟୁଛ'ି ବୋଲି ଶ୍ରୀ ସେନାପତି ଅଭିଯୋଗ କରିଛ'ି । ତେବେ ଗତ କିଛିଦିନ ତଳେ ନୂତନ ଆର୍‌ଏମ୍‌ସି କମିଶନର ଦାୟିତ୍ୱ ଗ୍ରହଣ କରିଥିବା ମହାଶୟ ଏହି ଆଦର୍ଶ ବସ୍ତି ତଥା କଲୋନୀ ଗସ୍ତ କରି କିଭଳି ଭାବେ ଏହି କାର୍ଯ୍ୟକ୍ରମ କରାଯାଇଛି ତାହା ଅନୁଧ୍ୟାନ କରିବାକୁ ଶ୍ରୀ ସେନାପତି ଦାବି କରିଛନ୍ତି । ଅନ୍ୟଥା ଦୁର୍ନୀତିଖୋର ମହାନଗର ନିଗମ କର୍ମଚାରୀମାନଙ୍କର ବିକାଶ ନାଁରେ ବିନାଶକାରୀ ପଦକ୍ଷେପ ବିରୁଦ୍ଧରେ ଆଗାମୀ ଦିନରେ ଗଣଆନ୍ଦୋଳନ ସୃଷ୍ଟି କରାଯିବ ବୋଲି ଚେତାବନୀ ଦେଇଛ'ି । ଶ୍ରୀ ସେନାପତିଙ୍କ ସହିତ ଏହି ଗସ୍ତ କାଳରେ ଜିଲ୍ଲା କଂଗ୍ରେସର ମହମ୍ମଦ ମୁର, ସେବାଦଳର ବୁଲୁ ଦାସ ଓ ଯୁବନେତା ବିଶ୍ୱଭୂଷଣ ସର ପ୍ରମୁଖ ତାଙ୍କ ସହିତ ସାମିଲ୍ ଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଖଳିସାହିରେ ଭାଗବତ ସପ୍ତାହ ଓ ଗୀତା ମହାଯଜ୍ଞ



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଜଗନ୍ନାଥ ମନ୍ଦିରରେ ତ୍ରୟୋବିଂଶ ବାର୍ଷିକ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ଗୀତା ମହାଯଜ୍ଞ ଆରମ୍ଭ ହୋଇଛି । ଏ ଅବସରରେ ମନ୍ଦିର ପରିସରରେ ଅଧିବାସ ଅଙ୍କୁରାରୋପଣ, ବିଷ୍ଣୁ ସହସ୍ରନାମ ପଠନ, ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟକର୍ତା ଭାବେ ଜଗନ୍ନାଥ ଦେବତା ଓ କର୍ମାଚାର୍ଯ୍ୟ ଭାବେ ସୁରେଶ ଚନ୍ଦ୍ର ମିଶ୍ର ଓ ବ୍ୟାସ ଭାବେ ଶ୍ରୀକାନ୍ତ ମିଶ୍ର ଦାୟିତ୍ୱ ତୁଲାଇଥିଲେ । ପ୍ରତ୍ୟେହ ମନ୍ଦିର ବେଢାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଆସ'ି୧୮ ତାରିଖ ଅପରାହ୍ନରେ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମର ଆୟୋଜକମାନେ ଜଣାଇଛ'ି । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ମନ୍ଦିର ପୂଜକ ଅଭିମନ୍ୟୁ ପଣ୍ଡା ଓ ମନୋଜ କୁମାର ପତି ପ୍ରମୁଖଙ୍କ ସକ୍ରୀୟ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡିଛି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୩୦

# ଗାନ୍ଧୀବାଦର ମୃତ୍ୟୁ



ଆମ ଦେଶରେ ସବୁଠାରୁ ସାଧାରଣ କାମ କରିବା ବ୍ୟକ୍ତି ଏକ ଅସମାନ୍ୟ ଏବଂ ଅସାଧାରଣ ମଣିଷଭାବରେ ଖ୍ୟାତି ଲାଭ କରିପାରିବ । ଏହାର ପ୍ରକୃତ କାରଣ ଆମେ ସମସ୍ତେ ସବୁବେଳେ ଚେଷ୍ଟା କରୁଛୁ ଅସାଧାରଣ କାର୍ଯ୍ୟମାନ କରିବାପାଇଁ । ପ୍ରକୃତରେ ଆମେ ଯାହା ନୋହୁଁ ଠିକ୍ ତାହାର ଅଭିନୟ କରୁଛୁ । ସବୁଠାରେ ପାରିବାରିକ, ସାମାଜିକ ଏବଂ ରାଜନୈତିକ ଜୀବନରେ ବା କ୍ଷେତ୍ରରେ । ବର୍ତ୍ତମାନ ଆମେ ଦେଖିବା ଗାନ୍ଧିଜୀ ଏପରି କେଉଁ ଅଲୌକିକ କାର୍ଯ୍ୟମାନ କରିଥିଲେ ଯେ ସମାଜ ତାଙ୍କୁ 'ମହାତ୍ମା' ଆଖ୍ୟା ଦେଲା । ଗାନ୍ଧୀ ଜଣେ ପ୍ରଖର ମେଧାବୀ ଛାତ୍ର ନ ଥିଲେ । ଯାହାକୁ ନିଜ ମୁଖରେ ସେ ସ୍ୱୀକାର କରିଛନ୍ତି । ଗାନ୍ଧୀ ଖୁବ୍ ଯେ ବେଶୀ ପାଠ ପଢିଥିଲେ ତାହା ମଧ ନୁହେଁ । ମାତ୍ର ମାଟ୍ରିକ୍ ପାଶ୍‌କରି ସେ ବାରିଷ୍ଟରୀ ପଢିଥିଲେ । ସେଥିରୁ ଅନୁମାନ କରିବାକୁ ହେବ ସେତେବେଳେର ମାଟ୍ରିକ୍ ପାଠ କ'ଣ ଥିଲା । ବାରିଷ୍ଟରୀ 'ପାଠ' ଗୋଟିଏ ଜମିଦାରୀଆ ଉପାଧି ମାତ୍ର । ଗାନ୍ଧୀ ଦେଖିବାକୁ ଯେ ଖୁବ୍ ସୁନ୍ଦର ଥିଲେ ତାହା ମଧ କେହି ଶତ ପ୍ରତିଶତ କହିପାରିବେ ନାହିଁ । ଗାନ୍ଧୀ ତେର ବର୍ଷ ବୟସରେ ବିବାହ କରିଥିଲେ । ଏବଂ ୨୩ ବର୍ଷ ବୈବାହିକ ଜୀବନ ବିତାଇବାପରେ ବ୍ରହ୍ମଚର୍ଯ୍ୟ ରକ୍ଷା କରିଥିଲେ । ସେଇ ସମୟକୁ ଅନେକ ମହାନ ଲେଖକମାନେ Married Bachelor କହନ୍ତି । ପିଲାବେଳେ ମିଛ କହିଥିଲେ, ଚୋରି କରିଥିଲେ, ଲୁଚାଇକରି ଖଣ୍ଡିଆ ବିଡି ଟାଣୁଥିଲେ ଏବଂ ପାରିବାରିକ ତଥା ସାମାଜିକ ନିଷେଧ ସତ୍ତ୍ୱେ ମାଂସ ମଧ ଖାଇଥିଲେ । ମାତ୍ର ଅନୁତପ୍ତ କରି ଏସବୁ ଦୁର୍ଗୁଣକୁ ପୁନର୍ବାର ଜୀବନରେ ସ୍ଥାନ ଦେଇ ନ ଥିଲେ ।

ଆଫ୍ରିକାରେ ପହଚିଂଲା ପରେ ଚମଡାର ରଙ୍ଗ ପାଇଁ ଯେତେବେଳେ ଗୋରାମଣିଷମାନେ ତାଙ୍କୁ ମଣିଷପାଇଁ ଯାହା ଉପଯୁକ୍ତ ସେହି ବ୍ୟବହାର ଦେଖାଇ ନ ଥିଲେ ଏବଂ ଖରାପ ବ୍ୟବହାର କରିଥିଲେ, ଗାନ୍ଧୀ ଏ ବ୍ୟବହାରର ପ୍ରତିବାଦ କରିଥିଲେ ଯାହା ମଣିଷମାତ୍ରେ ସାଧାରଣତଃ କରିବା କଥା । ଭାରତକୁ ଫେରିଲେ । ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଲେ । କେତେ କେତେ ଟାଣୁଆ ଖ୍ୟାତି ସମ୍ପନ୍ନ ନେତାମାନେ ସ୍ୱାଧିନତା ଆନ୍ଦୋଳନର ପୁରୋଭାଗରେ ଥିଲେ । ମାତ୍ର ଗାନ୍ଧୀ ଭାରତ ସ୍ୱାଧିନତା ଆନ୍ଦୋଳନର ପୁରୋଧା ହୋଇଗଲେ ମାତ୍ର ଆଠ ଦଶ ବର୍ଷ ଭିତରେ କାରଣ ସେ ଅତି ସାଧାରଣ ରୀତିରେ ଆନ୍ଦୋଳନକୁ ଜନସାଧାରଣଙ୍କ ସ୍ତରକୁ ଓହ୍ଲେଇ ଆଣିଲେ । ଗାନ୍ଧୀ ଦେଖିଲେ ଏବଂ ଅନୁଭବ କଲେ ଦେଶର ଦାରିଦ୍ର୍ୟ । ନିଜକୁ ଗରୀବ ସହ ସାମିଲ କରି ଦେଶର ଜଣେ ଗରୀବ ଲୋକ ଯାହା ପିନ୍ଧୁଛି ସେ ପିନ୍ଧିଲେ ସେଇଆ । ଫୁଙ୍ଗୁଳା ଦେହ ଆଂଠୁ ଲୁଚୁ ନ ଥିବା ପାଂଚହାତି ଧୋତି ଖଣ୍ଡେ । ଦେଶର ସବୁଠାରୁ ଗରୀବ ଲୋକ ଯେମିତି ଘରେ ରହୁଛି ସେ ଠିକ୍ ସେମିତି କୁଡିଆ ଘରେ ରହିଲେ । ଦେଶର ଗରୀବଲୋକ ଧୋବାଘରେ ଲୁଗାସଫା କରିବାକୁ ନ ଦେଇପାରି ନିଜ ହାତରେ ସଫାକରି ପିନ୍ଧିବାପରି ସେ ନିଜ ଲୁଗାକୁ ନିଜ ହାତରେ ସଫା କଲେ ।

ଗାନ୍ଧୀ ଦେଖିଲେ ବିଲାତରୁ ଲୁଗା ଆସୁଛି । ସମସ୍ତେ ସେଇଆକୁ ପିନ୍ଧୁଛନ୍ତି । ବିଦେଶୀ ଶାସକ ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଏହା ଏକ ସାର୍ବଜନୀନ ମାଧ୍ୟମ ଏହି ବିଲାତି ଲୁଗା ପିନ୍ଧିବା ବିରୁଦ୍ଧରେ ଅଭିଯାନ ଯାହା ଗାନ୍ଧୀଜୀଙ୍କ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆର୍ଥିକ ମାନଦଣ୍ଡକୁ କୁଠାରଘାତ କରିବାର ପ୍ରୟାସ ସହ ନିଜ ଦେଶର ସାମଗ୍ରୀକ ବିନିଯୋଗ କରି ବ୍ୟବହାର କରିବାର ଅଭିନବ ପ୍ରୟାସ । ପ୍ରଥମେ ସେ ନିଜେ ଅରଟ ଧରି ସୂତା କାଟିଲେ । ସେଇ ସୂତାରେ ଲୁଗା ବୁଣାଇ ପିନ୍ଧିଲେ । ଏଇ ପ୍ରୟାସ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କଲା । ଏହାଦ୍ୱାରା ଏକାବେଳକେ ତିନୋଟି କଥା ହେଲା । ବିଦେଶୀ ଲୁଗାର ପ୍ରତୀକ ଇଂରେଜ ଶାସନ ବିରୁଦ୍ଧରେ ସମାଜର ସର୍ବନିମ୍ନ ସ୍ତରରେ ଜନମତ । ସ୍ୱଦେଶୀ ସପକ୍ଷରେ ମତ ଜାହିର । ଯିଏ ସୂତା କାଟିଲା ସେ ଉତ୍ପାଦନ କରିପାରିଲା ଏବଂ ତନ୍ତୁବାୟୁର କୁଟୀରଶିଳ୍ପ ବଂଚିଲା ।

ଆହୁରି ଏକ କଥା ମଣିଷ ଭିତରେ ଅସ୍ପୃଶ୍ୟତାକୁ ହଟାଇବାକୁ ହେବ । 'ହରିଜନ' ଶବ୍ଦ ଏବଂ ସେଇ ନାମର ପତ୍ରିକା ଜରିଆରେ ସେ ଲୋକଙ୍କ ପାଖରେ ଏ ବିଷୟରେ ତାଙ୍କର ମତ ପ୍ରକାଶ କଲେ । ମେହେନ୍ତର କଲୋନୀରେ ରହିଲେ ଏବଂ ନିଜେ ପାଇଖାନା ସଫା କଲେ । ଗାନ୍ଧୀ ଉପଲବ୍ଧି କରିଥିଲେ ଭାରତବାସୀ ମନସ୍ତାତ୍ୱିକ ଦୃଷ୍ଟିକୋଣରୁ ଏକ ସଶସ୍ତ ବିପ୍ଳବ କରିବାକୁ ଉପଯୁକ୍ତ ବା ପ୍ରସ୍ତୁତ ନୁହନ୍ତି । ଏହାଛଡା ବ୍ରିଟିଶ ଶାସକ ହାତରେ ଶାସନ କଳ, ସୈନ୍ୟବାହିନୀ ବନ୍ଧୁକ ଗୋଳାବାରୁଦ ମହଜୁଦ । ଇଂରେଜ ଜାତିର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସ୍ୱତଃ ନୈତିକ ସମ୍ମାନ ରହିଛି । ଏଇ ପରିସ୍ଥିତିରେ ଗାନ୍ଧୀ ଆଶ୍ରୟ ନେଇଥିଲେ ଏକ ଅତି ସାଧାରଣ ପନ୍ଥା ଯାହାଥିଲା - 'ସତ୍ୟ, ଅହିଂସା ଏବଂ ଅସହଯୋଗ' । ଗୋଟିଏ ଦରିଦ୍ର, ନିରସ୍ତ୍ର ଜାତି ସତ୍ୟ, ଅହିଂସା ଏବଂ ଅସହଯୋଗ ବ୍ୟତୀତ ଆଉ କ'ଣ ସହଜ ଲକ୍ଷ ନୈତିକ ଅସ୍ତ୍ର ନେଇ ଲଢନ୍ତା ? ୧୯୩୫ ବେଳକୁ ବ୍ରିଟିଶ ସରକାର ପ୍ରସ୍ତୁତ ହୋଇଗଲାଣି ଭାରତକୁ ସ୍ୱାଧୀନତା ଦେବା ପାଇଁ । ଭାରତର ସ୍ୱାଧୀନତା ସଂଗ୍ରାମ ଗାନ୍ଧୀଙ୍କ ପ୍ରଦର୍ଶିତ ଏକ ଅତି ସାଧାରଣ ପନ୍ଥାରେ ପରିଚାଳିତ ହୋଇପାରିଲା । ତଥାପି ଗାନ୍ଧୀଙ୍କୁ ଆମେ ଜଣେ ସାଧାରଣ ମଣିଷଭାବେ ଗ୍ରହଣ ନ କରି 'ମହାତ୍ମା' ଆଖ୍ୟା ଦେଇଛୁ । ଏହାର କାରଣ ହେଲା ଗାନ୍ଧୀଙ୍କ ପରି ଆମେ କେହି ପାଂଚ ହାତି ଲୁଗା ପିନ୍ଧି ବାହାରୁ ପାରିବୁନି । ସୁତାକାଟିବାପରି 'ନିକମା' କାମ କରିପାରିବୁନି । ଆମେ ଭଲପାଠ ପଢିଲେ ଆଇ.ଏ.ଏସ୍ ଓ ଏ.ଏସ୍. ଇତ୍ୟାଦି ବଡ ବଡ ଚାକିରୀ ସମ୍ପନ୍ନ ପରାଧୀନତାପାଇଁ ସାରାଜୀବନ ବଳିଦେବୁ । ମାତ୍ର ଦେଶପାଇଁ ନୁହେଁ । ଆମେ ମିଛ କହି, ଚୋରି କରି ତା'କୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାର ନୈତିକ ସାହସ ପ୍ରଦର୍ଶନ କରିପାରିବୁନି । ଆମେ ଅସ୍ପୃଶ୍ୟ ବିରୁଦ୍ଧରେ ବଡ ଓଜସ୍ୱିନୀ ବକ୍ତୃତା ଦେଇପାରିବୁ । କିନ୍ତୁ ହରିଜନଙ୍କ ସାଙ୍ଗରେ ଚଳିପାରିବୁନି କିମ୍ବା ହରିଜନ ଘରେ ବିବାହ ସମ୍ପର୍କ କରିପାରିବୁନି । କ୍ଷମତା ସମ୍ପନ୍ନ ଲୋକ ଅନ୍ୟାୟ କଲେ ତା' ବିରୁଦ୍ଧରେ ଆମେ ପ୍ରତିବାଦ କରିପାରିବୁନି । ସତ୍ୟ ଏବଂ ଅହିଂସାକୁ ଆଧାର କରି ଆନ୍ଦୋଳନ କରିପାରିବୁନି । ଆମ ସରକାରମାନେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇପାରୁନାହାଁନ୍ତି । ଫଳ ହେଉଛି ହିଂସାତ୍ମକ ଆନ୍ଦୋଳନ ଏବଂ ଲାଠି ଗୁଳିର ଦମନଲୀଳା । ତେଣୁ ଉପରୋକ୍ତ ବିଷୟକୁ ଉପଲବ୍ଧି ତଥା ବିଚାର କଲେ ଗାନ୍ଧୀଙ୍କ ସହ ଗାନ୍ଧୀବାଦର ମୃତ୍ୟୁ ହୋଇଯାଇନି କି ?

**ଉମାଶଙ୍କର ପ୍ରସାଦ**, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର, ମେନ୍ ରୋଡ୍, ଖୋର୍ଦ୍ଧା, ମୋ: ୮୮୯୭୬୪୫୪୯୦

## ଆଜିର ଅନୁଚିନ୍ତା

ଗଛ ମୂଳରେ ଛିଡ଼ାହୋଇ ଗଛକୁ କାଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ସେହି ଗଛ ଛାୟା ପ୍ରଦାନ କରିବାରୁ ବିରତ ହୁଏ ନାହିଁ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉତ୍କଣ୍ଠା ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।
E-mail: editorpbkc@gmail.com
9853400829 (M), Fax: 0674-2550504

# ମୋଦିଙ୍କ ସଫଳତା

ସୌମେନ୍ଦ୍ର ଜେନା





ବିଶ୍ୱର ନେତାମାନଙ୍କୁ ଲୋକଙ୍କ ପସନ୍ଦ ଅନୁସାରେ ଦେଖିଲେ ନରେନ୍ଦ୍ର ମୋଦି ଏବେ ସବୁଠୁ ଆଗରେ ରହିଛନ୍ତି । ଆମେରିକାର ମର୍ଣ୍ଣିଂ କନସଲ୍‌ଟ ନାମକ ଏକ ସଂସ୍ଥା ନିକଟରେ ଯେଉଁ ରେଟିଂ ପ୍ରଦାନ କରିଛି ସେଥିରେ ବିଶ୍ୱର ପ୍ରମୁଖ ୧୩ଜଣ ନେତାଙ୍କ ମଧ୍ୟରେ ମୋଦି ୭୭ ପ୍ରତିଶତ ଲୋକଙ୍କ ପସନ୍ଦରେ ପ୍ରଥମ ସ୍ଥାନରେ ରହିଛନ୍ତି । ମାର୍ଚ୍ଚ ମାସ ୧୮ତାରିଖରେ ଏହି ରେଟିଂ ତାଲିକା ପ୍ରକାଶ ପାଇଛି । ଜାନୁଆରୀ ୨୦୨୦ରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ପ୍ରଥମ ସ୍ଥାନରେ ରହିଛନ୍ତି । ମାର୍ଚ୍ଚ ମାସ ୯ରୁ ୧୫ ମଧ୍ୟରେ ଏହି ସର୍ବେକ୍ଷଣ ହୋଇଥିଲା । ମୋଦିଙ୍କ ପଛକୁ ମେକସିକୋର ଆନ୍ଦ୍ରେଜ ମାନୁଏଲ ଲୋପେଜ୍ ୬୩ ପ୍ରତିଶତ, ଇଟାଲୀର ମାରିଓ ଦ୍ରାଘି ୫୪ ପ୍ରତିଶତ, ଜର୍ମାନୀର ଓଲାଫ ସ୍କଲଜ୍ ୪୫ପ୍ରତିଶତ, ଜାପାନର ଫୁମିଓ କିସିଡା ୪୨ପ୍ରତିଶତ, କାନାଡାର ଜଷ୍ଟିନ ଟ୍ରୁଡେଉ ୪୨ପ୍ରତିଶତ, ଆମେରିକାର ଜୋ ବାଇଡେନ ୪୧ପ୍ରତିଶତ, ଫ୍ରାନ୍ସର ଇମାନୁଏଲ ମାକ୍ରୋନ ୪୧ପ୍ରତିଶତ, ଅଷ୍ଟ୍ରେଲିଆର ସ୍କଟ ମରିସନ ୪୧ ପ୍ରତିଶତ, ଦକ୍ଷିଣ କୋରିଆର ମୁନ୍ ଜାଇ -ଇନ୍ ୪୦ପ୍ରତିଶତ, ବ୍ରାଜିଲର ଜୈର ବୋଲସେନାରୋ ୩୯ ପ୍ରତିଶତ, ସ୍ପେନର ପେଡ୍ରୋ ସାଞ୍ଚେଜ୍ ୩୮ପ୍ରତିଶତ ଏବଂ ବ୍ରିଟେନର ବୋରିସ ଜନ୍‌ସନ୍ ୩୩ ପ୍ରତିଶତ ଲୋକଙ୍କ ପସନ୍ଦର ନେତା ରହିଛନ୍ତି । ୨ମଇ ୨୦୨୦ରେ ମୋଦିଙ୍କ ପସନ୍ଦ ହାର ସର୍ବାଧିକ ୮୪ ପ୍ରତିଶତ ରହିଥିଲା । ଗତବର୍ଷ ୭ମଇ ୨୦୨୧ରେ ଏହି ହାର ସର୍ବନିମ୍ନ ୬୩ପ୍ରତିଶତ ରହିଥିଲା । କେବଳ ଦେଶ ଭିତରେ ଯେ ମୋଦି ପସନ୍ଦର ନେତା ତା ନୁହେଁ, ବିଦେଶରେ ମଧ୍ୟ ସେ ଅନେକ ରାଷ୍ଟ୍ରରୁ ସମ୍ମାନିତ ହୋଇଛନ୍ତି । ସାଉଦି ଆରବ ପକ୍ଷରୁ ପ୍ରଦତ୍ତ ଅଣମୁସଲିମ ନେତୃତ୍ୱଙ୍କୁ ପ୍ରଦାନ କରାଯାଉଥିବା ଅର୍ଡର ଅଫ ଅବଦୁଲ୍ଲାଜିଜ ଅଲ ସାଉଦ (୨୦୧୬), ଆଫଗାନିସ୍ଥାନର ସର୍ବୋଚ୍ଚ ନାଗରିକ ସମ୍ମାନ ଷ୍ଟେଟ ଅର୍ଡର ଅଫ ଅମିର ଅମାନୁଲ୍ଲା ଖାଁ (୨୦୧୬), ପାଲେଷ୍ଟାଇନର ବିଦେଶୀଙ୍କୁ ପ୍ରଦତ୍ତ ସର୍ବୋଚ୍ଚ ପୁରସ୍କାର ଗ୍ରାଣ୍ଡ କଲାର ଅଫ୍ ଦି ଷ୍ଟେଟ୍ ଅଫ ପାଲେଷ୍ଟାଇନ (୨୦୧୬), ୟୁନାଇଟେଡ୍ ଆରବ ଅମିରାତ ପକ୍ଷରୁ ପ୍ରଦତ୍ତ ସର୍ବୋଚ୍ଚ ନାଗରିକ ସମ୍ମାନ (୨୦୧୯) ରୁଷିଆର ସର୍ବୋଚ୍ଚ ନାଗରିକ ସମ୍ମାନ ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରିଉ (୨୦୧୯), ମାଳଦ୍ୱୀପର ବିଦେଶୀଙ୍କୁ ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ ରୁଲ ଅଫ ନିସାନ ଇଜୁଦ୍ଦୀନ (୨୦୧୯), ବାହାରିନ୍‌ର ସର୍ବୋଚ୍ଚ ପୁରସ୍କାର କିଙ୍ଗ ହମଦ ଅର୍ଡର ଅଫ୍ ରେନେସାଁ (୨୦୧୯), ଆମେରିକା ସେନା ପକ୍ଷରୁ ପ୍ରଦତ୍ତ ଲେଜିଅନ୍ ଅଫ ମେରିଟ୍ (୨୦୨୦) ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । ଏହାବାଦ କେତେକ ସଂଗଠନ ପକ୍ଷରୁ ମୋଦିଙ୍କୁ ମଧ୍ୟ ସମ୍ମାନ ପ୍ରଦାନ କରାଯାଇଛି । ଦକ୍ଷିଣ କୋରିଆର ସିଓଲ ପିସ ପ୍ରାଇଜ (୨୦୧୮), ଜାତିସଂଘର ସର୍ବୋଚ୍ଚ ପରିବେଶ ପୁରସ୍କାର ଚମ୍ପିଅନ ଅଫ ଦି ୟର୍ଥ ଆୱାର୍ଡ (୨୦୧୮), ଫିଲିପକୋଟଲର ରାଷ୍ଟ୍ରପତି ପୁରସ୍କାର (୨୦୧୯), ବିଲ ଏଣ୍ଡ୍ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ ପାଇଁ ପ୍ରଦତ୍ତ ଗ୍ଲୋବାଲ ଗୋଲକିପର ପୁରସ୍କାର ( ୨୦୧୯), କେମ୍ବ୍ରିଜ୍ ଏନର୍ଜି ରିସର୍ଚ୍ଚ ଆସୋସିଏଟ୍ସ(ସେରା) ପକ୍ଷରୁ ପ୍ରଦତ୍ତ ଗ୍ଲୋବାଲ ଏନର୍ଜୀ ଏଣ୍ଡ ଏନ୍‌ଭିରନମେଣ୍ଟ ଲିଡରସିପ୍ ପୁରସ୍କାର (୨୦୨୧) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇଛନ୍ତି । ନିକଟରେ ଅନୁଷ୍ଠିତ ପାଞ୍ଚଗୋଟି ରାଜ୍ୟର ବିଧାନସଭା ନିର୍ବାଚନରେ ବିଜେପି ପୂର୍ବରୁ କ୍ଷମତାରେ ଥିବା ଚାରିଗୋଟି ରାଜ୍ୟରେ କ୍ଷମତାସୀନ ହେବା ମୋଦିଙ୍କ ପାଇଁ ଖୁସିର କଥା । କାରଣ ସବୁ ରାଜ୍ୟରେ ନିର୍ବାଚନ ପ୍ରଚାରରେ ଯାଇ ସେ ଦଳର ମୁଖ୍ୟ ପ୍ରଚାରକର୍ତ୍ତା ହୋଇଥିଲେ । ଭିନ୍ନ ଭିନ୍ନ ରାଜ୍ୟରେ ସେ ନିଜେ ଏକ ବିଷୟ ପାଲଟିଥିଲେ । ପ୍ରାଦେଶିକ ସରକାରଙ୍କୁ ଜନବିରୋଧ ନିକଟରେ ସେ ଭାରୀ ହୋଇଥିଲେ । ତାଙ୍କର ଦେଶ ଓ ବିଦେଶରେ ନେତୃତ୍ୱ ତଥା ସମସ୍ୟା ସମାଧାନରେ ଦକ୍ଷତା ଭୋଟରଙ୍କୁ ଅଧିକ ପ୍ରଭାବିତ କରିବାରେ ସହାୟକ ହୋଇଥିଲା । ଯେଉଁଥିପାଇଁ ବିରୋଧୀ ଦଳଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆରେ ବିଜେପିର ସରକାର ପୁନର୍ବାର କ୍ଷମତାକୁ ଫେରିଛି ।

ଦେଶରେ କୃଷି ଉତ୍ପାଦନର ତିନିଗୁଣା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦି ୨୦୨୦ରେ ଯେଉଁ କୃଷିବିଲ୍ ଲାଗୁ କରିଥିଲେ ତାହା କିପରି ଭଲଥିଲା ଏବେ ସୁପ୍ରିମକୋର୍ଟଙ୍କ ରିପୋର୍ଟରୁ ଜଣାପଡିଛି । ଉକ୍ତ ବିଲକୁ ଦେଶର ୮୬ପ୍ରତିଶତ କୃଷକ ସଂଗଠନ ସମର୍ଥନ କରୁଥିଲା ବେଳେ ମାତ୍ର ୧୪ପ୍ରତିଶତ କୃଷକ ସଂଗଠନ ବିରୋଧ କରୁଥିବା ବିଷୟ ସୁପ୍ରିମକୋର୍ଟର କମିଟି ପ୍ରକାଶ କରିଛନ୍ତି । ତେଣୁ ଦିଲ୍ଲୀ ସୀମାରେ ଦୀର୍ଘ ଏକ ବର୍ଷ ବ୍ୟାପି ଆନ୍ଦୋଳନ, ହିଂସାକାଣ୍ଡ ଆଦି ତାମସା ସଦୃଶ ଥିଲା ବୋଲି ଏଥିରୁ ପ୍ରମାଣିତ । ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ଯେ ଦୂରଦୃଷ୍ଟି ସଂପନ୍ନ ଥିଲା ତାହା ବେଶ୍ ସ୍ପଷ୍ଟ । ଇତିମଧ୍ୟରେ ଉକ୍ତ ବିଲକୁ କେନ୍ଦ୍ର ସରକାର ଫେରାଇ ନେଇଥିଲେ ହେଁ ପୁନର୍ବାର ଲାଗୁ କରିବାର ଯଥେଷ୍ଟ ଯୁକ୍ତି ରହିଛି ।

ସଂପ୍ରତି ରୁଷ-ୟୁକ୍ରେନ ମଧ୍ୟରେ ଏକମାସରୁ ଅଧିକ କାଳ ହେଲା ଯୁଦ୍ଧ ଜାରିଥିଲା ବେଳେ ଜାତିସଂଘରେ ସନ୍ତୁଳିତ ବ୍ୟବହାର ପ୍ରଦର୍ଶନ ସହ ଦୁଇଦେଶର ରାଷ୍ଟ୍ରପତିମାନଙ୍କ ସହ ଆଲୋଚନା ଜାରିରଖି କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମାନବିକ ସହାୟତା ଭାରତ ସରକାର ପଠାଇଛନ୍ତି । ଯୁଦ୍ଧର ଘନଘଟା ମଧ୍ୟରେ ୟୁକ୍ରେନରେ ଅଟକି ରହିଥିବା କୋଡିଏ ହଜାରରୁ ଅଧିକ ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଗଙ୍ଗା ପ୍ରଧାନମନ୍ତ୍ରୀଙ୍କ ଏକ ସଫଳ ପଦକ୍ଷେପ ଥିଲା ବୋଲି କହିହେବ । ଏଥିରେ ପୋଲାଣ୍ଡ, ହଙ୍ଗେରୀ, ମାଲଡୋଭା, ସ୍ଲୋଭାକିଆ, ରୁଷିଆ ଆଦି ଦେଶରୁ ଭାରତୀୟଙ୍କୁ ଅଣାଯିବା ପରେ ସେଠାରୁ ଦେଶକୁ ସ୍ୱତନ୍ତ୍ର ବିମାନ ଯୋଗେ ଫେରାଇ ଅଣାଯାଇଥିଲା । ଏଥିପାଇଁ ୪ଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ବିଦେଶକୁ ପଠାଇବା ସହ ଦେଶର ଭିନ୍ନ ଭିନ୍ନ ବିମାନ ବନ୍ଦରରେ ସେମାନଙ୍କ ବ୍ୟବସ୍ଥିତ ଯାତ୍ରା ପାଇଁ ଅନେକ କେନ୍ଦ୍ରମନ୍ତ୍ରୀ ନିଯୁକ୍ତ ହୋଇଥିଲେ ।

ଏହା ପୂର୍ବରୁ କୋରୋନା କାଳରେ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ଆତ୍ମନିର୍ଭର ଭାରତର ଆହ୍ୱାନ ଦେଇଥିଲେ ତାହା ଏବେ ସଫଳ ହୋଇଛି । ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିବାପାଇଁ ଲକ୍ଷ୍ୟରଖି ଗତବର୍ଷ ୪୦୦ ବିଲିଅନ ଡଲାରର ଟାର୍ଗେଟ ରଖାଯାଇଥିଲା । କାରଣ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ରପ୍ତାନୀ ୨୯୬ ବିଲିଅନ ଡଲାର ଥିଲା । କିନ୍ତୁ ମାର୍ଚ୍ଚମାସ ୨୧ତାରିଖ ଦିନ ୨୦୨୧-୨୨ବର୍ଷରେ ୪୦୦ ବିଲିଅନ ରପ୍ତାନୀ ଲକ୍ଷ୍ୟକୁ ଅତିକ୍ରମ କରିବା ସରକାରଙ୍କ ନିଷ୍ଠାପର ଉଦ୍ୟମ ବୋଲି କହିବାକୁ ହେବ । କାରଣ ପୂର୍ବରୁ ଭାରତ ଏତେ ପରିମାଣର ରପ୍ତାନୀ କରିବାକୁ ସକ୍ଷମ ହୋଇନଥିଲା । ମାର୍ଚ୍ଚ ମାସ ଶେଷ ସୁଦ୍ଧା ୪୧୦ ବିଲିଅନ ଡଲାର ରପ୍ତାନୀ ହେବା ସମ୍ଭବ । ଆଗାମୀ ବର୍ଷରେ ଏହି ଧାରା ଜାରି ରହିଲେ ୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପହଞ୍ଚିବାକୁ ଅଧିକ ସମୟ ଲାଗିବ ନାହିଁ । କାରଣ ଯୁଦ୍ଧକାଳୀନ ପରିସ୍ଥିତିରେ ବିଶ୍ୱରେ ଖାଦ୍ୟାନ୍ନ ସଂକଟ ଘନୀଭୂତ ହୋଇଆସୁଥିଲା ବେଳେ ଭାରତ ପାଖରେ ପର୍ଯ୍ୟାପ୍ତ ଖାଦ୍ୟାନ୍ନ ରହିଛି । ଏହାକୁ ରପ୍ତାନୀ କରି ଭାରତ ଅଧିକ ଲାଭବାନ ହେବାର ସମ୍ଭାବନା ରହିଛି । ରୁଷିଆର ବଜାରରୁ ଇଉରୋପର ଔଷଧ କମ୍ପାନୀମାନେ ବାହାରିଯିବା ସ୍ଥିତି ସୃଷ୍ଟି ହୋଇଛି । ପୃଥିବୀର ଔଷଧ ଉତ୍ପାଦନ କ୍ଷେତ୍ରରେ ଭାରତର ଦକ୍ଷତା ହେତୁ ଏହି ବଜାରକୁ ଭାରତ ଦଖଲ କରିବାକୁ ସକ୍ଷମ ହେଲେ ଔଷଧର ରପ୍ତାନୀ ଢେର ବୃଦ୍ଧିପାଇବ । ନିକଟରେ ବିଦେଶକୁ ଗହମ ରପ୍ତାନୀର ଆଦେଶକୁ ଠିକଣା ସମୟରେ ସଂପନ୍ନ କରିବା ପାଇଁ କେନ୍ଦ୍ର ସରକାର ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ମାଲବହନକାରୀ ରେଳ ଚଳାଚଳ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ସମୟାନୁଯାୟୀ ପଦକ୍ଷେପ ଯୋଗୁ ଚଳିତବର୍ଷ ଗହମ ରପ୍ତାନୀ ରେକର୍ଡ ସୃଷ୍ଟି କରିବ । ରୁଷିଆରେ ଚିନିର ଅଭାବ ଦେଖାଯିବା ସ୍ଥଳେ ଭାରତ ସେଠାକାର ଚିନି ବଜାରକୁ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଛି । ସରକାର ଯଦି ଏ ଦିଗରେ ଯୋଜନା କରନ୍ତି ତେବେ ଦେଶର ଚିନି ରପ୍ତାନୀ ବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ । ଯୁଦ୍ଧ ପରିସ୍ଥିତି ଯୋଗୁ ୭ଟି ରାଷ୍ଟ୍ର ଏବେ ଭାରତରୁ ଗହମ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଗତ ୧୦ବର୍ଷ ହେବ ଭାରତରେ ଗହମ ଉତ୍ପାଦନ ବଢିବାରେ ଲାଗିଛି । ଇତି ମଧ୍ୟରେ ୬୨ଲକ୍ଷ ଟନ୍ ଗହମ ରପ୍ତାନୀ ପାଇଁ ଭାରତକୁ ଅର୍ଡର ମିଳିସାରିଛି । ସେମିତି ରପ୍ତାନୀ କ୍ଷେତ୍ରରେ ମୋବାଇଲ କମ୍ପାନୀମାନେ ୧୫ହଜାର କୋଟି ଟଙ୍କା ମୂଲ୍ୟର ମୋବାଇଲ ଭାରତରେ ନିର୍ମାଣ କରି ବିଦେଶକୁ ରପ୍ତାନୀ କରିଛନ୍ତି ।

ଜାମ୍ମୁ-କାଶ୍ମୀରରୁ ୩୭୦ଧାରା ହଟାଯିବା ପରଠାରୁ ସେ ଅଞ୍ଚଳରେ ଲୋକେ ସବୁପ୍ରକାର କେନ୍ଦ୍ରୀୟ ଯୋଜନା ସହ ଯୋଡି ହୋଇ ସୁବିଧା ପାଇବାରେ ଲାଗିଛନ୍ତି । ଯେମିତି ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପରି ଅନେକ ଯୋଜନାର ଲାଭ ସେଠାକାର ଲୋକେ ଉଠାଇବାରେ ଲାଗିଛନ୍ତି । ଇତି ମଧ୍ୟରେ ସାଉଦି ଆରବ ଓ ଏମିରେଟର ପ୍ରାୟ ୪୦ଜଣ ନିବେଶକାରୀ ପ୍ରଦେଶକୁ ଗସ୍ତକରି ୭୦୦୦୦ କୋଟି ଟଙ୍କା ନିବେଶ ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ ଲାଗି ଘୋଷଣା କରିଛନ୍ତି । ଦୁବାଇଠାରେ ପୂର୍ବରୁ ଏଥିପାଇଁ ଯେଉଁ ନିମନ୍ତ୍ରଣ ଦିଆଯାଇଥିଲା ତଦନୁସାରେ ବ୍ୟବସାୟୀମାନେ ଗସ୍ତକରି ବେଶ୍ ଖୁସିଥିବାର ପ୍ରକାଶ କରିଛନ୍ତି । ପୂର୍ବରୁ ଶ୍ରୀନଗରରେ ଦୁବାଇ ମଲ ସଦୃଶ ବିଶାଳକାୟ ପାଞ୍ଚଲକ୍ଷ ବର୍ଗ ଫୁଟର ମଲ ସ୍ଥାପନା ପାଇଁ ଇମାର ପ୍ରପର୍ଟିଜ ଘୋଷଣାକରି ବୁଝାମଣା କରିଛି । ଗତ ଡିସେମ୍ବର ମାସରେ ଜାମ୍ମୁ-କାଶ୍ମୀର ସରକାର ଜାମ୍ମୁଠାରେ ଯେଉଁ ଗୃହ ନିର୍ମାଣ ଆଲୋଚନାର ଆୟୋଜନ କରିଥିଲେ, ସେଠାରେ ପ୍ରାୟ ୩୯ଗୋଟି ବୁଝାମଣାରେ ୧୯୦୦୦କୋଟିର ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି ।

ନିକଟରେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଡା ଭାରତ ଗସ୍ତରେ ଆସି ୪୨ ମିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ଘୋଷଣା କରିଛନ୍ତି । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମରିସନ୍ ଭାରତ ସହ ବାଣିଜ୍ୟିକ ସହଯୋଗ ବୃଦ୍ଧିପାଇଁ ଆଗାମୀ ଦିନରେ ୧୦୦ଟି କମ୍ପାନୀର ଅଧିକାରୀଙ୍କୁ ଭାରତକୁ ପଠାଇବାକୁ ନିଷ୍ପତ୍ତି କରିଛନ୍ତି । ଅଷ୍ଟ୍ରେଲିଆ ସହ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଆଲୋଚନା ଜାରି ରହିଛି । ଏହା ସଫଳ ହେଲେ ଆଗାମୀ ଦିନରେ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧିପାଇବ । ଠିକ୍ ସେମିତି ୟୁରୋପୀୟ ସଂଘରୁ ବାହାରିଯିବା ପରେ ବାଣିଜ୍ୟିକ ସଙ୍କଟରେ ପଡିଥିବା ବ୍ରିଟେନ ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଆଗ୍ରହ ପ୍ରକାଶ କରିଛି । ମୋଦି ସରକାର ଏହି ସୁଯୋଗକୁ ଉପଯୋଗ କଲେ ଦେଶର ଢେର ଲାଭ ହେବ ।

କଥା ହେଲା କଠିନ ସମୟରେ ନେତୃତ୍ୱର ଦକ୍ଷତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଏ । ମୋଦିଙ୍କ ନେତୃତ୍ୱ କୋରୋନାର ସଙ୍କଟ ଏବଂ ବର୍ତ୍ତମାନର ଯୁଦ୍ଧର ସଙ୍କଟ ମଧ୍ୟରେ ଯେପରି ଆର୍ଥିକ ସଫଳତା ଆଣିଦେଇଛି ତାହା ଦେଶବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଛି ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଏସବୁ କ'ଣ-କାହିଁକି ଏପରି ବିପ୍ଳାତ ?

















ଦୁଇ ବର୍ଷ ତଳେ ଫେବୃଆରୀ ମାସର ଶେଷ ସପ୍ତାହରେ ସାଙ୍ଗମାନଙ୍କ ସହ ମିଶି ପଞ୍ଜାବ ଗସ୍ତରେ ଯାଉଥିଲି । ସେ ସମୟରେ ଚୀନରେ କରୋନା ସଂକ୍ରମଣର ଖବର ବହୁ ଚର୍ଚ୍ଚାରେ ଥିଲା । ସାଙ୍ଗ ହାତରେ ଗୋଟିଏ ପୁସ୍ତକ ଦେଖିଲି ତା'ଠାରୁ ଆଣି ପଢିଲି । ପୁସ୍ତକଟିର ନାମ ଥିଲା, "ନୋହାଙ୍କ ଧର୍ମତରୀ" ପଢିଲା ପରେ ଜାଣି ପାରିଲି ଯେ ଏ ସାଂସାରିକ ଜୀବନ କ୍ଷଣସ୍ଥାୟୀ ମାତ୍ର । ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ । ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି । ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି । ପ୍ରାକୃତିକ ବିପ୍ଳାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ ଅବନତୀ ଘଟିଛି । କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି । ଏପରିକି ଏଡ୍ସ, ସ୍ୱାଇନ୍‌ଫ୍ଲୁ , ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଏବେ ପୁଣି ରୁଷ-ୟୁକ୍ରେନ ମଧ୍ୟରେ ଘମାଘୋଟ ଲଢେଇ । ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିଙ୍କୁ ଚିନ୍ତାରେ ପକାଇଛି । ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି । ଏ ସବୁ କ'ଣ ? ଏବଂ କାହିଁକି ଏପରି ବିପ୍ଳାପ୍ତ ? କ'ଣ ଏହା ମଧ୍ୟରେ ରହସ୍ୟ ରହିଛି ? ସେବେ ଠାରୁ ମୋ ମନକୁ ଏ କଥା ଆନ୍ଦୋଳିତ କରୁଛି । ସେହି ପୁସ୍ତକର କେତୋଟି ପୃଷ୍ଠା ପଢିସାରିଲା ପରେ ଲେଖକଙ୍କ ଦ୍ୱାରା ଲେଖାଥିଲା; ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ "ହକିକତୁଲ ଓହି,ପୃଷ୍ଠା-୨୬୯ରେ"କୁହନ୍ତି, ହେ ୟୁରୋପ ! ତୁ ମଧ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି । ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତ୍ତନ ମଧ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ । କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି । ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ । ହଜରତ ଅହମଦ କୁହନ୍ତି; ଅଲ୍ଲାଃଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତିରୁ ମୁକ୍ତି ପ୍ରଦାନ କରିବେ । ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ ।

ଈଶ୍ୱରଙ୍କ ଏକଥା ଯେ 'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର୍' ଅର୍ଥାତ୍ 'ପ୍ରତ୍ୟେକ ବ୍ୟକ୍ତି ଯିଏ ତୁମ ଗୃହର ଚାରିକାନ୍ଥ ଭିତରେ ଅଛି ମୁଁ ତାଙ୍କୁ ରକ୍ଷା କରିବି ।' ଲେଖକ କୁହନ୍ତି, ଏଠାରେ ଏହା ଭାବିବା ସମିଚୀନ ନୁହେଁ ଯେ ଏହି କଥା ସେହି ଲୋକମାନଙ୍କ ସକାଶେ କୁହାଯାଇଛି, ଯେଉଁମାନେ ମୋ ଘର ଭିତରେ ଅଛନ୍ତି । ଅର୍ଥାତ ମୋର ଏହି ଝାଟିମାଟିର ଘରେ ରହୁଛନ୍ତି । ବରଂ ସେହି ଲୋକମାନେ ମଧ୍ୟ, ଯେଉଁମାନେ ମୋର ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ ହୋଇଛନ୍ତି । ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ୍ତ ମଧ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିଶାମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ ।

ମୁଁ ଏ ବିଷୟରେ ଅଧିକ ଜ୍ଞାନ ହାସଲ କରିବାକୁ ଚାହିଁ ଥିଲି । ଖୋଜି ପାଇଲି, ଯେ ଏ ସଂବନ୍ଧରେ ପବିତ୍ର କୋରାନ କୁହେ; "ୱମା କୁନ୍ନା ମୁଅ'ଜ୍ଜିବିନା ହତ୍‌ତା ନବ୍‌ଅସା ରସୁଲା"(ପବିତ୍ର କୋରାନ,ବନି ଇସ୍ରାଇଲ:୧୬)ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର)ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ । କ'ଣ ଏ ବିପ୍ଳାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ'ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ନିଜ ସ୍ରଷ୍ଟାକୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ'ଣ ଏ ବିପ୍ଳାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ଳାପ୍ତ ଦେଖା ଯାଉଛି, କ'ଣ ସେ ଈଶ୍ୱରଙ୍କର ପ୍ରକୋପ କି ? ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ'ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତ୍ତରୁ ତ୍ରାହି ପାଇବା କିପରି ? ଏହାର ଉତରରେ ସେ କହିଛନ୍ତି; "ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ ତୁମର ହୋଇଯିବେ । ତୁମେ ଶୋଇ ରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ । ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ ।" ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାଃତାଲା ସେମାନଙ୍କ ପ୍ରତି ସଦୟ ହେବେ ।... ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ । ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାଃତାଲାଙ୍କୁ ଭୟ କର । ତଦ୍ୱାରା ତୁମେମାନେ ପରିତ୍ରାଣ ପାଇବ । ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ । ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତ୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ । କରୋନା ଭାଇରସରୁ ସୁରକ୍ଷିତ ରହିବା ପାଇଁ ସରକାର ଯେଉଁ ସବୁ ନୀତି ନୟମ ଲାଗୁ କରୁଛନ୍ତି ତଥା ଯେଉଁ ସବୁ ଗାଇଡ୍‌ଲାଇନ୍ସ ଦେଉଛନ୍ତି ଆସନ୍ତୁ ଆମେ ସବୁ ମିଳି ମିଶି କାର୍ଯ୍ୟକାରୀ କରି ଏକ ସଭ୍ୟ ନାଗରିକତାର ପରିଚୟ ଦେବା । ପରମବ୍ରହ୍ମ ଅଲ୍ଲାଃ ଆମ ସମସ୍ତଙ୍କୁ ବିଶ୍ୱସଂକ୍ରମିତ ଏହି କରୋନା ଭାଇରସର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ । ତଥା ବିଶ୍ୱଯୁଦ୍ଧର କୁପରିଣାମରୁ ଆମ ସଭିଙ୍କୁ ବଂଚିତ କରନ୍ତୁ । ଏହା ହିଁ ଆମର କାମନା ।

**ମୌଲାନା ଫଜଲ ହକ ଖାଁ**, ଭୁବନେଶ୍ୱର-୯୬୯୨୨୨୫୦୫୭




# କେନ୍ଦ୍ରାପଡାରେ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ୨ଦିନିଆ ଧର୍ମଘଟ ସଫଳ

କେନ୍ଦ୍ରାପଡ଼ା, (ପି.ଏନ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ଅନ୍ୟ ସମସ୍ତ ସରକାରୀ ସଂଗଠନମାନଙ୍କ ନେତୃତ୍ୱରେ ଗତକାଲି ଏବଂ ଆଜିର ୪୮ଘଣ୍ଟିଆ ସାଧାରଣ ଧର୍ମଘଟ ଅତ୍ୟନ୍ତ ସଫଳତାର ସହ ଶେଷ ହୋଇଛି । ଆଜି ଜିଲ୍ଲା ସଦର ମହକୁମା ସହିତ ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା, ରାଜନଗର, ଡେରାବିଶ, ମହାକାଳପଡା ଓ ମାର୍ଶାଘାଇରେ ଏହି ଧର୍ମଘଟ ସଂଗଠିତ ହୋଇଥିଲା । କେନ୍ଦ୍ରାପଡାର ତିନିମୁହାଣି ଠାରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଏ.ଆଇ.ଟି.ୟୁ.ସି.ର ସଭାପତି ବାବାଜୀ ଧଳ ସଭାପତିତ୍ୱ କରିଥିଲେ । ଏହି ସଭାରେ ବକ୍ତବ୍ୟ ଦେଇ ୧୨ଟି ଦାବି ସମ୍ପର୍କରେ ବକ୍ତାମାନେ ପର୍ଯ୍ୟାଲୋଚନା କରିବା ସହିତ ଜନତା ନ ବଞ୍ଚାଅ ଦେଶ ବଞ୍ଚାଅ ପାଇଁ ଆହ୍ୱାନ ଦେଇଥିଲେ । ଆମ୍ ଆଦମୀ ଠାରୁ ଆରମ୍ଭ କରି ଦେଶର ୧୪୦କୋଟି ଜନଗଣଙ୍କ ପାଇଁ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ବକ୍ତାମାନେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ଆଇ.ଏନ.ଟି.ୟୁ.ସି. ଜିଲ୍ଲା ସଭାପତି ମୁକ୍ତାର ଖାଁ, ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ଗୟାଧର ଧଳ, ଏ.ଆଇ.ଟି.ୟୁ.ସି. ନେତା ରମଣୀରଞ୍ଜନ ରାଉତରାୟ, ସି.ଆଇ.ଟି.ୟୁ.ସି. ନେତା ମାଧବ ଦାସ, ଏ.ଆଇ.ୟୁ.ଟି.ୟୁ.ସି. ନେତା ଏଲୀନା ସାମନ୍ତରାୟ, ଏ.ଆଇ.ସି.ସି.ଟି. ନେତା ବସନ୍ତ ମଲ୍ଲିକ, ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ସିଂହ, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ, ଏ.ଆଇ.କେ.ଏସ. ନେତା ଆଦିକନ୍ଦ ରାଉଳ, ବସନ୍ତ ସେଠୀ, ହିରାମଣୀ ରାଉତ, ପ୍ରକାଶ ମଲ୍ଲିକ, ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ବୀମା କର୍ମଚାରୀ ନେତା ଅମୀୟ ନାୟକ, ନବ ନିର୍ମାଣ କୃଷକ ସଂଗଠନ ନେତା ଅକ୍ରୁର ପଲାଇ, ଗଣେଶ୍ୱର ବେହେରା, ମହେନ୍ଦ୍ର ପରିଡା, ଶିକ୍ଷକ ନେତା କାଳି ରମେଶ ଚନ୍ଦ୍ର ମଲିକ, ବାବୁଲି ଲେଙ୍କା, ଅଶୋକ ଦାସ ପ୍ରଭୃତି ବକ୍ତାମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, ଦେଶର ଭାଇଚାରାକୁ ଭାଙ୍ଗିବା, ଘରୋଇ କରଣ, ବିମୁଦ୍ରାକରଣ, ସ୍ଥାୟୀ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କ ଚାକିରୀ ପ୍ରଭୃତିର ତୀବ୍ର ସମାଲୋଚନା କରିଥିଲେ । ସାରା ଜିଲ୍ଲାରେ ହରତାଳ ସଫଳ ହୋଇଥିବାରୁ ମିଳିତ ଶ୍ରମିକ ସଂଗଠନ ଜିଲ୍ଲାବାସୀଙ୍କୁ ବଧେଇ ଜଣାଇଛି ।

## ଯୋଗାସନରେ ପ୍ରତିଭା ଦେଖାଇଲେ ଛାତ୍ରୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ାର ଶ୍ରୀ ଯୋଗ ବେଦାନ୍ତ କଳା ନିକେତନର ଛାତ୍ରୀମାନେ ଯୋଗାସନରେ ନିଜର ପ୍ରତିଭା ଦେଖାଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାକଟ ସ୍ଥିତ ସ୍ୱୟଂ ସେଲିବ୍ରେସନ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଳା ନିକେତନର ଛାତ୍ରୀ ଟ୍ୱିଙ୍କଲ ସ୍ୱାଇଁ, ଅର୍ପିତା ସ୍ୱାଇଁ ଓ ଶ୍ରେୟା ନାୟକ ପ୍ରମୁଖ ସୁନ୍ଦର ଓ ଆକର୍ଷଣୀୟ ଯୋଗାସନ କରିଥିଲେ । ଯାହା ଅତିଥିମାନଙ୍କୁ ବିମୋହିତ କରିଥିଲା । ଯୋଗ ଶିକ୍ଷକ ସଞ୍ଜୟ ମଥାନଙ୍କ ନିର୍ଦ୍ଦେଶରେ ଛାତ୍ରୀମାନେ ଏଭଳି ସୁନ୍ଦର ଯୋଗାସନ ପ୍ରଦର୍ଶନ କରିଥିଲେ । ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ହରିଚନ୍ଦନପୁର ରେଳ ଷ୍ଟେସନରେ ପୂର୍ବତନ ଜିଏମ୍ ଅର୍ଚ୍ଚନା ଯୋଶୀଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ଭଗାମୁଣ୍ଡା.(ପି.ଏନ):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ରେଳ ଷ୍ଟେସନରେ ପୂର୍ବତନ ଜିଏମ୍ ଅର୍ଚ୍ଚନା ଯୋଶୀ ବିଭିନ୍ନ ପ୍ରକଳ୍ପ ଯଥା ରେଳବାଇ କର୍ମକାରୀଙ୍କ ବାସଗୃହ, ଟାୱାରଗମ ସେଡ୍, ଓଏଚ୍‌ଆଇ ଡିପାର୍ଟମେଣ୍ଟ ଗୃହ, ଶିଶୁ ପାର୍କ ପ୍ରଭୃତିର ଶୁଭ ଉଦ୍‌ଘାଟନ କରିବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ଯୁବକମାନେ ରାଉରକେଲା ଇଣ୍ଟରସିଟି ପୁନର୍ବାର ଚାଲିବା, ପ୍ଲାଟଫର୍ମର ଲମ୍ବ ବୃଦ୍ଧି ଏବଂ ଷ୍ଟେସନରେ ପାନୀୟ ଜଳ ସମସ୍ୟା ନେଇ ଜିଏମ୍ ଅର୍ଚ୍ଚନା ଯୋଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଜିଏମ୍ ଅର୍ଚ୍ଚନା ଯୋଶୀଙ୍କ ସହିତ ଖୋର୍ଦ୍ଧା ଡିଭିଜନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଆସିଥିଲେ ।

## ଜଳୁଛି ଶିମିଳିପାଳ ଅଭୟାରଣ୍ୟ, ନିଆଁ ଲଗାଉଥିବା ବେଳେ ୫ଜଣଙ୍କୁ ଧରିଛି ବନବିଭାଗ



ବାରିପଦା,(ପି.ଏନ): ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିଛି । ନିଆଁ ଲଗାଉଥିବା ବେଳେ ୫ ଜଣକୁ ଧରିଛି ବନବିଭାଗ । ଆଜି ତାଳବନ୍ଧ ରେଞ୍ଜର ୬ ଟି ଏବଂ ଚ଼ହଲା ରେଞ୍ଜ ଗୋଟିଏ ପଏଣ୍ଟରେ ନିଆଁ ଲାଗିଛି । ନିଆଁକୁ ଆୟତ୍ତ କରିବାକୁ ବନବିଭାଗ କର୍ମଚ଼ାରୀ ଓ ଅଗ୍ନିଶମ ବିଭାଗ ନିୟୋଜିତ କରାଯାଇଛି । ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ନଅଣା ରେଞ୍ଜ ଅଞ୍ଚଳରେ ଜଙ୍ଗଲ ଭିତରେ ନିଆଁ ଲଗାଉଥିବା ସମୟରେ ୫ ଜଣକୁ ଗିରଫ କଲା ବନବିଭାଗ । ଏହି ସୂଚ଼ନା ଦେଇଛନ୍ତି ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ ର ଏସି .ଏଫ. ପ୍ରଦୀପ ଦେ ।

## ଜିଲ୍ଲା କୋଷାଗାର ଓଏସଡି ପଦରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ନିଯୁକ୍ତି ନକରାଯିବାକୁ ଦାବି

କେନ୍ଦ୍ରାପଡ଼ା,(ପି.ଏନ) :କେନ୍ଦ୍ରାପଡା ଜିଲ୍ଲା କୋଷାଗାର କାର୍ଯ୍ୟାଳୟରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ନକରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି । ଅଭିଯୋଗ ଅନୁଯାଇ ଜିଲ୍ଲା କୋଷାଗାରରେ ଓଏସଡି ପଦ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିବା ବେଳେ ସେହି ପଦ ନିମନ୍ତେ ବିଭିନ୍ନ ପ୍ରାର୍ଥୀ ଆବେଦନ କରିଛନ୍ତି । ସେଥିମଧ୍ୟରୁ ଜଣେ କେନ୍ଦ୍ରାପଡା କୋଷାଗାରର ପୂର୍ବତନ ହିସାବରକ୍ଷକ(ଆକାଉଣ୍ଟାଣ୍ଟ) ମଧ ଆବେଦନ କରିଛନ୍ତି । ସେ ଏଠାରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ବିରୋଧରେ ବହୁ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ହୋଇଥିଲା । ସେ ସବୁ ବିଲରେ ଅର୍ଥ ଆଦାୟ କରନ୍ତି ଓ ପେନସନରମାନଙ୍କୁ ହଇରାଣ ହରକତ କରନ୍ତି ବୋଲି ମଧ ଅଭିଯୋଗ ହୋଇଥିଲା । ଫଳରେ ତତ୍କାଳୀନ କୋଷାଗାର ଅଧିକାରୀ ସଂପୃକ୍ତ ହିସାବ ରକ୍ଷକଙ୍କ ଠାରୁ ସମସ୍ତ ଦାୟୀତ୍ୱ ଓ କ୍ଷମତା ଅପସାରଣ କରିନେଇଥିଲେ । ଏତଦବ୍ୟତିତ ସଂପୃକ୍ତ କର୍ମଚାରୀ ପଟ୍ଟାମୁଣ୍ଡାଇ କୋଷାଗାର କାର୍ଯ୍ୟାଳୟରେ ଥିବା ସମୟରେ ତାଙ୍କର ବେଆଇନ କାର୍ଯ୍ୟକଳାପକୁ ନେଇ କୋଷାଗାର ଅଧିକାରୀ ତାଙ୍କ ଠାରୁ ସମସ୍ତ ଦାୟୀତ୍ୱ ଅପସାରଣ କରିନେଇଥିଲେ ବୋଲି ଅଭିଯୋଗ ହୋଇଛି । ଫଳରେ ୩ବର୍ଷ କାଳ ସେ ବସି ବସି ଦରମା ପାଇଥିଲେ । ଗତବର୍ଷ ଓଏସଡି ପଦ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ସଂପୃକ୍ତ କର୍ମଚାରୀ ଜଣଙ୍କ କୃତକାର୍ଯ୍ୟ ହୋଇନପାରିବାରୁ ତାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନଥିଲା । ନିଯୁକ୍ତି ନପାଇବାରୁ ସଂପୃକ୍ତ କର୍ମଚାରୀ କୋଷାଗାର ଅଧିକାରୀଙ୍କ ବିରୋଧରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ତାହା ତଦନ୍ତ ପରେ ମିଥ୍ୟା ପ୍ରମାଣିତ ହୋଇଥିଲା । ଏବେ ସଂପୃକ୍ତ କର୍ମଚାରୀ ଜଣଙ୍କ ଓଏସଡି ପଦ ନିମନ୍ତେ ଆବେଦନ କରିଥିବା ବେଳେ ସେହି ଚାକିରୀ ପାଇବା ପାଇଁ ବିଭିନ୍ନ ଉପାୟରେ ଜିଲ୍ଲା କୋଷାଗାର ଅଧିକାରୀଙ୍କ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି ।

## କେନ୍ଦ୍ରାପଡାରେ ସାହିତ୍ୟ ଖଟି

କେନ୍ଦ୍ରାପଡ଼ା,(ପି.ଏନ) : ସାହିତ୍ୟ ଚର୍ଚ୍ଚା ସାଧାରଣତଃ ବନ୍ଦ କୋଠରୀରେ, ସଭା ସମିତି, ଆଲୋଚନାଚକ୍ର, କବିତା ଆସର, ସାହିତ୍ୟ ସମାରୋହ ମାଧ୍ୟମରେ କରାଯିବାର ସମସ୍ତେ ଜାଣନ୍ତି । ମାତ୍ର କେନ୍ଦ୍ରାପଡା ସହରର ମୁଖ୍ୟଛକ ତିନିମୁହାଣୀ ଠାରେ ସାହିତ୍ୟକୁ ଲୋକାଭିମୁଖୀ କରିବାକୁ ଏକ ଅନୁଖା ପ୍ରୟାସ ଆରମ୍ଭ ହୋଇଛି । ଯାର ନାମ "କେନ୍ଦ୍ରାପଡା ସାହିତ୍ୟ ଖଟି" । ମୁକ୍ତ ଆକାଶ ତଳେ ରାଜରାସ୍ତା କଡରେ ଚା'ର ମଜା ନେବା ସହିତ ଏଠାରେ ସଞ୍ଜହେଲେ ଆରମ୍ଭ ହୁଏ ସାହିତ୍ୟ ଚର୍ଚ୍ଚା । ଅନେକ ସାହିତ୍ୟି ପ୍ରେମୀ ଏଥିରେ ଅଂଶଗ୍ରହଣ କରି ଗଠନ ମୂଳକ ଆଲୋଚନା କରନ୍ତି । ଏହି ସାହିତ୍ୟ ଖଟିରେ ଶିକ୍ଷାବିତମାନଙ୍କ ଠାରୁ ଆରମ୍ଭ କରି କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର, ସାହିତ୍ୟ ସଂଗଠକ, ସମ୍ପାଦକ ଏପରିକି ସାଧାରଣ ନାଗରିକମାନେ ଅଂଶଗ୍ରହଣ କରୁଛନ୍ତି । କ୍ରମେ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି । ଶିକ୍ଷାବିତ ପ୍ରଫେସର ନନ୍ଦ କିଶୋର ପରିଡା, କବି ଡଃ. ଶ୍ରୀଧର ସାମଲ, ମୌସୁକୀର ସମ୍ପାଦକ କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ବୃନ୍ଦାବନ ଦାସ, ରାଜଶ୍ରୀ ସମ୍ପାଦକ ହେମନ୍ତ କୁମାର ଜେନା, ପରିବେଶବୀତ କାଶିନାଥ ରାଉତରାୟ, ପଲ୍ଲକ ସମ୍ପାଦକ ଶଶିକାନ୍ତ ଦାସ, ପ୍ରକାଶକ ରମେଶ ଚନ୍ଦ୍ର ପତି, କବି ରଞ୍ଜନ ବାଇ, ଅଜୟ ପାତ୍ର, କବି ପଣ୍ଡିତ ପ୍ରମୋଦ ତ୍ରିପାଠୀ, ଗାଳ୍ପିକ ପ୍ରଦୀପ ନାୟକ ପ୍ରମୁଖ ସାହିତ୍ୟ ପ୍ରେମୀ ବନ୍ଧୁମାନେ ଏହି ଚର୍ଚ୍ଚାରେ ଯୋଗଦାନ କରି ସେମାନଙ୍କର ମତାମତ ପୋଷଣ କରୁଛନ୍ତି । ସ୍ୱଳ୍ପ ସମୟ ଓ ଅର୍ଥ ଅପଚୟ ବିନା ଏପରି ଏକ ଅନୁଖା ପ୍ରୟାସ ସାହିତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି ।

## ଆମ ଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟା



ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ କଂଟାବାଡ ପଂଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମର ଆମ ଗାଁ ମହୋତ୍ସବର ସଭାପତି ବିଦ୍ୟାଧର ମହାରଣାଙ୍କ ସଭାତିତ୍ୱରେ ଆୟୋଜିତ ତୃତୀୟ ଦିବସର ଉତ୍ସବରେ ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ ସୁଚିସ୍ମିତା ମିଶ୍ର ମୁଖ୍ୟ ଅତିଥି,ବାଙ୍କୀ ମହୋତ୍ସବର ସମ୍ପାଦକ ଗଣେଶ୍ୱର ସ୍ୱାଇଁ ମୁଖ୍ୟ ବକ୍ତା, ନନ୍ଦିନୀ ଶତପଥି ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ,ସମାଜସେବୀ ରଞ୍ଜନ ବେହେରା,ଲଳିତ କୁମାର ସାହୁ ଓ ଉମାକାନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାର ପ୍ରାରମ୍ଭରେ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।ଏହି ମହୋତ୍ସବ ଭାଇଚାରାର ବାର୍ତ୍ତା ବହନ କରିଥାଏ ବୋଲି ଅତିଥି ମତବ୍ୟକ୍ତ କରିଥିଲେ । ସ୍ଥାନୀୟ କଳାକାର ଓ ଓଡିଶା ସରକାରଙ୍କ କଳା ସଂସ୍କୃତି ବିଭାଗର କଳାକାର ମାନଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା । ଶେଷରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

## ୨୩ ଅପ୍ରେଲରେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ଏକ ବିଶେଷ ଅଧିବେଶନ ଉପସଭାପତି ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅପ୍ରେଲ ୨୩ତାରିଖ ଅଣୁକବି ବ୍ରହ୍ମାନନ୍ଦ ଦାସଙ୍କ ଜୟନ୍ତୀ ଅବସରରେ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ନିମନ୍ତେ ବିଶ୍ୱ ନାଟ୍ୟ ଦିବସରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଷୁଭ ସଂକ୍ରାନ୍ତୀ ଦିନ ସାହିତ୍ୟ ସଂସଦର ନୂତନ ଗୃହ ପ୍ରବେଶ ନିମନ୍ତେ ମଧ ସ୍ଥିର କରାଯାଇଛି । ସଂସଦ ବାର୍ଷିକୋତ୍ସବ ସ୍ମାରକୀ ସ୍ୱରୂପ ସଂସଦର ମୁଖପତ୍ର ଦିଗବଳୟ ଉନ୍ମୋଚନ କରାଯିବା ସଙ୍ଗେ ସଙ୍ଗେ ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ପତ୍ରିକା ପାଇଁ ଲେଖା ପଠାଇବାର ଶେଷ ତାରିଖ ଅପ୍ରେଲମାସ ୫ତାରିଖକୁ ଧାର୍ଯ୍ୟ କରାଯାଇଛି । ଇଚ୍ଛୁକ ସାହିତ୍ୟିକମାନେ ସଂସଦର ସମ୍ପାଦକଙ୍କ ନିକଟକୁ ଲେଖା ପଠାଇବାକୁ ଅନୁରୋଧ । ଏହି ଅବସରରେ ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ, ଉପସଭାପତି ପ୍ରେମଲତା ଗିରି, ରାମକୃଷ୍ଣ ଦାଶ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ଶ୍ରୀଧର କୁମାର ମହାନ୍ତି, ଶ୍ରୀଧର କୁମାର ଭୋଳ, ଅଜୟ କୁମାର ଜେନା, ଫକିର ଚରଣ ଓଝା, ଦିବାକର ସାହୁ, ଶରତ କୁମାର ରାଉତ, ସୁରେନ୍ଦ୍ର କୁମାର ବେହେରା, କାକୁଲି ମଲ୍ଲିକ, ଅର୍ଜୁନ କୁମାର ସ୍ୱାଇଁ, ଗୋଲକ କୁମାର ସେଠୀ, ଗୋଲାପ ମଞ୍ଜରୀ ଜେନା, ରମେଶ ଚନ୍ଦ୍ର ଜେନା ପ୍ରମୁଖ ସାହିତ୍ୟିକମାନେ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସ ସମ୍ପର୍କରେ ଆଲୋଚନା କରିବା ସହିତ ବାର୍ଷିକୋତ୍ସବ ସମ୍ପର୍କରେ ମିଳିତ ବିବୃତ୍ତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି ଓ ନୃସିଂହ ଚରଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ସୁବାଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଅଧ୍ୟାପକ ମାଧବାନନ୍ଦ ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂସଦର ସହ ସମ୍ପାଦକ କାର୍ତ୍ତିକ ଚରଣ ନାୟକ ଅସୁସ୍ଥ ହୋଇ ଶଯ୍ୟାଶାୟୀ ହୋଇଥିବାରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚ଼ୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ଼ସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚ଼ାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚ଼ଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱିବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚ଼ାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ଯସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚ଼ିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।
ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।
ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚ଼ାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।
ଉଭୟ ପ୍ରକୃତ ଓ ଓ୍ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚ଼ାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।
ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚ଼ାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚ଼ନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୁଦ୍ଧୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।

## ଡକାୟତି ଘଟଣାରେ ତିନି ଗିରଫ,ଦୁଇଟି ବାଇକ,୧୦ ଗୋଟି ମୋବାଇଲ ଓ ନଗଦ ୨୪ ହଜାର ଟଙ୍କା ଜବତ




ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମାର ୧୬ ନମ୍ବର ଜାତୀୟ ରାଜପଥ ମୁକୁନ୍ଦପ୍ରସାଦସ୍ଥିତ ଓଭରବ୍ରିଜ ଠାରେ ଗତ ୨୪ ତାରିଖ ସନ୍ଧ୍ୟାରେ ବିବେକ ପ୍ରସାଦ ଡୁମୁରି ପିକ ଅପ ଭ୍ୟାନ ଯୋଗେ ଫେରୁଥିବା ସମୟରେ ମାରଣାସ୍ତ୍ର ଧରି ତିନି ଜଣ ଯୁବକ ଗାଡିକୁ ଅଟକାଇ ନଗଦ ୩୮ ହଜାର ଟଙ୍କା ଓ ଦୁଇଟି ମୋବାଇଲ ନେଇ ଫେରାର ହୋଇ ଯାଇଥିଲେ । ଏ ନେଇ ଆଦର୍ଶ ଥାନାରେ ଅଭିଯୋଗ ପରେ ଆରକ୍ଷୀ ଅଧିକାରୀ ଅଲେଖ ଚନ୍ଦ୍ର ପହିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ସୁଶୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ସହଯୋଗରେ ପୋଲିସ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ତଦନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା । ଗତକାଲି ଅପରାହ୍ନରେ ଚିତ ରଞ୍ଜନ ହରି ଚନ୍ଦନ(୩୪)ଅମିର ଖାନ(୩୨) ଓ ଜାଭେଦ ମହମ୍ମଦ(୨୨)ଙ୍କୁ ଗିରଫ କରି ଦୁଇଟି ବାଇକ,୧୦ ଗୋଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଓ ନଗଦ ୨୪ ହଜାର ଟଙ୍କା ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।




# ପଦାର୍ଥ ବିଜ୍ଞାନ ଗବେଷଣାଗାର ଅଭିନବତା ଉପରେ ଜାତୀୟ ସମ୍ମାନ




କେନ୍ଦ୍ରାପଡ଼ା (ପିଏନ୍): ବିଶ୍ୱ ବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଆନୁକୂଲ୍ୟରେ ୨ ଦିନ ଧରି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ "ପଦାର୍ଥ ବିଜ୍ଞାନ ଗବେଷଣାଗାର ଅଭିନବତା" ଶୀର୍ଷକ ସମ୍ମାନ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା କଲେଜର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଭାଗୀୟ ମୁଖ୍ୟ ତଥା ଆବାହକ ରାମଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଙ୍ଗଠନିକ ସମ୍ପାଦକ ବିଶ୍ୱରଞ୍ଜନ ପୁହାଣ ସମ୍ମାନର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାକ୍ତନ ମୁଖ୍ୟ ଡଃ. ଲମ୍ବୋଦର ପ୍ରସାଦ ସିଂ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆମେ ବିଶ୍ୱରେ ଯାହା ଦେଖୁ ତାହା ହେଉଛି ବିଶ୍ୱରୂପ । ଆମ ପୃଥିବୀ ମନ୍ଦିରରେ ବୈଜ୍ଞାନିକ ହେଉଛନ୍ତି ପୂଜାରୀ । ଯାହା ହୋଇସାରିଛି ତାହା ବିଷୟରେ ତାଲିମ୍‌ପ୍ରାପ୍ତ ହୋଇ ନୂତନ ଭାବରେ କରିବା ହେଉଛି ଅଭିନବତା। ବିଂଶ ଶତାବ୍ଦୀରେ ଗବେଷଣା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିଛି । ମୁଖ୍ୟବକ୍ତା ଡଃ. ବେଦାନ୍ତ ଦାସ ମହାନ୍ତି ବକ୍ତବ୍ୟରେ କହିଲେ ସମଗ୍ର ବିଶ୍ୱବାସୀ ଏକାଠି ହୋଇପାରିଲେ ଏ ପୃଥିବୀ ତିଷ୍ଠି ପାରିବ। ଧର୍ମ ଓ ଦର୍ଶନ ଉଭୟ ସତ୍ୟର ଅନୁଶରଣ କରିଥାନ୍ତି । ମାଧ୍ୟାକର୍ଷଣ ତରଙ୍ଗ ଓ ତା'ର ପ୍ରଭାବ ଅଭିନବତା ବାଣିଜ୍ୟ ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି କହିଥିଲେ । ବି.ପି.ୟୁ.ଟି.ର ପ୍ରାକ୍ତନ କୁଳପତି ଡଃ. ଓଁକାର ନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଶିଳ୍ପ କ୍ଷେତ୍ରରେ ଅଭିନବତାର ଉପଯୋଗୀତା ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ । ପୂର୍ବାହ୍ନର ବୈଷୟୀକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାକ୍ତନ ମୁଖ୍ୟ ଡଃ. ରୀତା ପାଇକରାୟ। ଏହି ଅଧିବେଶନରେ ମୁଖ୍ୟବକ୍ତା ଭାବରେ ଡଃ. ପ୍ରତାପ କୁମାର ସାହୁ ଓ ନିମନ୍ତ୍ରିତ ବକ୍ତା ଭାବରେ ଆଇ.ଆଇ.ଟି. ଖଡଗପୁରର ଡଃ. ପ୍ରଶନ୍ନ କୁମାର ସାହୁ ଯୋଗ ଦେଇଥିଲେ । ଅପରାହ୍ନ ବୈଷୟୀକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ପ୍ରାକ୍ତନ ଅଧ୍ୟକ୍ଷ ଡଃ. ସେକ ସମସୁର୍ । ସଂଯୋଜକ ଥିଲେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ. ଭଗବାନ କିଷାନ ଓ ବକ୍ତା ଭାବରେ ଯୋଗ ଦେଇଥିଲେ ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ଡଃ. ଦେବେନ୍ଦ୍ରନାଥ ସାମଲ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ସୁକାନ୍ତ କୁମାର ତ୍ରିପାଠୀ ଓ ଡଃ. ସିଦ୍ଧାର୍ଥ ଶେଖର ପଣ୍ଡା । ସମ୍ମାନର ଦ୍ୱିତୀୟ ଦିବସର ବୈଷୟୀକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ପୀୟୁଷ ରଞ୍ଜନ ଦାସ ଓ ଏଥିରେ ସଂଯୋଜନା କରିଥିଲେ ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟର ଡଃ. ସୌଭାଗ୍ୟଲକ୍ଷ୍ମୀ ବେହେରା, ନାଇଜରର ପ୍ରଫେସର ଡଃ. ସଞ୍ଜୟ କୁମାର ସାଇଁ ଓ ସି.ଭି. ରମଣ ବିଶ୍ୱବିଦ୍ୟାଳୟର ଡଃ. ସବ୍ୟସାଚୀ ପରିଡା । ଏଥିରେ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନା କରିଥିଲେ ଡଃ. ପ୍ରଭାତ ରଞ୍ଜନ ଲେଙ୍କା ଓ ଡଃ. ଅଟଳ ବିହାରୀ ପଣ୍ଡା । ପରିଶେଷରେ ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ କଲେଜ ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବୈଜ୍ଞାନିକ ଓ କଲେଜ ପରିଚାଳନା ସମିତି ସଭ୍ୟ ଡଃ. ରାଜଗୋପାଳ ମହାନ୍ତି ଯୋଗଦେଇ ଅଭିନବତା କ୍ଷେତ୍ରରେ ଆକାଶ ହେଉଛି ଶେଷ ସୀମା ଓ ଅର୍ଥ ଏକ୍ଷେତ୍ରରେ ପ୍ରଧାନ ବାଧକ ବୋଲି କହିଥିଲେ । ସମ୍ମାନର ସଫଳତା ପାଇଁ ଆବାହକ ରାମଚନ୍ଦ୍ର ପାତ୍ର ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ ଓ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ପ୍ରାଧ୍ୟାପିକା ଡଃ. ପ୍ରଭାମୟୀ ସାମନ୍ତରାୟ । ଏହି ସମ୍ମାନକୁ ପରିଚାଳନା କରିଥିଲେ ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡଃ. ସଞ୍ଜୀବ କୁମାର ମହାନ୍ତି, ଅଧ୍ୟାପକ ପ୍ରକାଶ କୁମାର ମଲ୍ଲିକ, ରାକେଶ କୁମାର ପ୍ରଧାନ, ଅଧ୍ୟାପିକା କବିତା ରାଉତ, ଆକାଂକ୍ଷା ଆନନ୍ଦିତା ନାୟକ ଓ ସହଯୋଗୀ ନରେନ୍ଦ୍ର ପାତ୍ର, ବିଜୟିନୀ ପରିଡା, ସଞ୍ଜୟ କୁମାର ପଲେଇ, ଶୁଭଶ୍ରୀ ଷଣ୍ଢ ଓ ଦେବାଶିଷ ସାହୁ । ଏହି ସମ୍ମାନରେ ବହୁ ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା ଓ ପଦାର୍ଥ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମ୍ମାନ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ରାଜଧାନୀରେ 'ଭାରତ ବନ୍ଦ'– ବିଭିନ୍ନ ସ୍ଥାନରେ ପିକେଟିଂ

ଭୁବନେଶ୍ୱର (ପିଏନ୍)–୪ଟି କଳା ଶ୍ରମ କୋଡ୍ ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ, ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଇପିଏଫ ସୁଧହାର ହ୍ରାସ ପ୍ରତ୍ୟାହାର ସମେତ ୧୨ ଦଫା ଦାବିରେ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ମାର୍ଚ୍ଚ ୨୮–୨୯ ଭାରତ ବନ୍ଦ ପରିପ୍ରେକ୍ଷୀରେ ଗତକାଲି ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନର କର୍ମୀମାନେ ପିକେଟିଂ କରିବା ଦେଖାଦେଇଥିଲା। ଗତକାଲି ସକାଳ ୬ଟାରେ ସିପିଆଇ, ଏଆଇଟିୟୁସି, ବିକେଏମୟୁ ଓ କୃଷକ ସଭାର ଶତାଧିକ କର୍ମୀ ଭୁବନେଶ୍ୱର ରେଳଷ୍ଟେସନରେ ପହଞ୍ଚି ଜନଶତାବ୍ଦୀ ଏକ୍ସପ୍ରେସ, ଲୋକମାନ୍ୟ ତିଳକ ଏକ୍ସପ୍ରେସ, ବଲାଙ୍ଗୀର ଇଣ୍ଟରସିଟି ଓ ପୁରୀ ରାଉରକେଲା ପାସେଞ୍ଜର ଟ୍ରେନ ସାମ୍ନାରେ ପିକେଟିଂ କରି ଏହି ସମସ୍ତ ଟ୍ରେନ୍‌କୁ ୨ଘଣ୍ଟା କାଳ ଅଟକାଇଥିଲେ। ଏପରିକି ଏଆଇଟିୟୁସିର ୨ଜଣ କର୍ମୀ ରେଳ ଲାଇନ ଉପରେ ଶୋଇରହିବା ଦେଖାଯାଇଥିଲା। ରେଳଷ୍ଟେସନଠାରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ପ୍ରସାଦ ସିଂହଦେଓ, ବିକେଏମୟୁ ବା ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ସୁର ଜେନା ଏବଂ ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଏହି ପିକେଟିଂର ନେତୃତ୍ୱ ନେଇଥିଲେ। ଏହାପରେ ସ୍ୱେଚ୍ଛାସେବକମାନେ ମାଷ୍ଟରକ୍ୟାଣ୍ଟିନସ୍ଥିତ 'ମୋ ବସ୍'ଷ୍ଟାଣ୍ଡରେ ପିକେଟିଂ କରିବାରୁ ବାହାରକୁ ଆସିଥିବା ବସ୍‌ଗୁଡ଼ିକ ପୁଣି ଭିତରକୁ ଯାଇ ଗେଟ୍‌ରେ ତାଲା ପଡ଼ିଥିଲା। ବିକ୍ଷୋଭକାରୀମାନେ ରାଜମହଲ ଛକଠାରେ ପିକେଟିଂ କଲାବେଳେ ଏଆଇଟିୟୁସିର ରାଜ୍ୟ ଉପସଭାପତି ନାରାୟଣ ରେଡ୍ଡି ପିକେଟିଂରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ସମ୍ମୁଖରେ ଅଲ୍ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଆସୋସିଏସନର ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ବିକ୍ଷୋଭ ଓ ପିକେଟିଂର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପ୍ଳବ ମହାପାତ୍ର, ନମିତା ସାହୁ, ଡାକ ହେମ୍ବ୍ରମ୍, ମମତା ରାଉତ, ପାର୍ବତୀ ଲାଗୁରି ପ୍ରମୁଖ ବିଭିନ୍ନ ସ୍ଥାନରେ ପିକେଟିଂର ନେତୃତ୍ୱ ନେଇଥିଲେ।

## ନାଟ୍ୟାନୁଷ୍ଠାନ "ଆହ୍ୱାନ"ର ବିଶ୍ୱ ନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଚଳିତ ମାସ ୨୭ ତାରିଖ ରବିବାର ଯାଜପୁର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଆହ୍ୱାନର ବିଶ୍ୱନାଟକ ଦିବସ ପାଳନ ବିରଜା ମହିଳା ମହାବିଦ୍ୟାଳୟ ପରିସରରେ ସମାଜସେବୀ ତଥା ଅନୁଷ୍ଠାନର ଉପସାପତି ପାଣ୍ଡବ ଚରଣ ସାହୁଙ୍କ ପୌରହିତ୍ୟରେ ପରିଚ୍ଛଳିତ କାର୍ଯ୍ୟକ୍ରମର ଆହ୍ୱାନର ସାଧାରଣ ସମ୍ପାଦକ ବିଶ୍ୱଜିତ ସାହୁ ତାଙ୍କର ପ୍ରାରମ୍ଭିକ ଭାଷରେ ଆହ୍ୱାନ ତରଫରୁ ସମାଜ ପାଇଁ ନାଟକ ଦ୍ୱାରା ଅଙ୍ଗିକାର ବଦ୍ଧ ପାଇଁ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ଅଧ୍ୟାପକ ଦାମୋଦର ବେହେରା ଓ ମୁଖ୍ୟବକ୍ତାଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମତ ପ୍ରକାଶ କରିଥିଲେ ଯେ ନାଟ୍ୟକାର ମାନେ ହେଲେ ସାମଜର ପଥ ପ୍ରଦର୍ଶକ ତାଙ୍କର ସମର୍ପିତ ଜୀବନକୁ ସତ୍‌ମାର୍ଗି କରାଉ, ବିଶ୍ୱ ପାଇଁ ଶାନ୍ତିର ବାର୍ତ୍ତା ପ୍ରଦାନ କରନ୍ତୁ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଦିନଚର୍ଯ୍ୟାର ସମ୍ପାଦକ ତପନ କୁମାର ମହାରଣ୍ୟ ଓ ଲେଖକ ନବକିଶୋର ଦାସ ଯୋଗଦେଇ ବାର୍ତ୍ତା ପ୍ରଦାନ କରିଥିଲେ। ଉତ୍ସବରେ ଜଣେ ଯୁବ ନାଟ୍ୟକାର ରଜନୀକାନ୍ତ ସାହୁଙ୍କ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ହୃଷିକେଶ ପତି ସଭାର କାର୍ଯ୍ୟକ୍ରମକୁ ପରିଚ୍ଛଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ଅନୁଷ୍ଠାନ ତରଫରୁ ୟୁକ୍ରେନ ଓ ରୁଷିଆ ଯୁଦ୍ଧ ର ବିରାମ ପାଇଁ ଏକ ନାଟ୍ୟ ମାଧ୍ୟମରେ ଯୁଦ୍ଧର ଶାନ୍ତିର ବାର୍ତ୍ତା ନେଇ ଏକ ପଦଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି ବିରଜା ମହିଳା ମହାବିଦ୍ୟାଳୟରେ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ତିଳତମା ଜେନା, ମଞ୍ଜୁ ସାହା, ସୌମ୍ୟ ସାହୁ, ଜିତେନ୍ଦ୍ର ବେହେରା, ପଦ୍ମନାଭ ବେହେରା, ସୋମ୍ୟପ୍ରୟଦର୍ଶୀ, ଦିଲ୍ଲୀପ ନନ୍ଦ, ପ୍ରୟଙ୍କା ପ୍ରୀୟଦର୍ଶୀ, ଗୋପାଳ ଚରଣ ସାହୁ, ପଞ୍ଚାନନ ବେହୋ ପରିଳନା କରିବା ସହିତ ନଟବ ଜେନା, ସୁବାସ ମହାପାତ୍ର, ସନ୍ତୋଷ ଦାସ, ବିଜ୍ଞୟୀ ପତି, ଜୟଦେବ ରାଉତ, ମହେସ ମହାନ୍ତି, ଜଗନ୍ନା ସାହୁ ସହଯୋଗ କରିଥିଲେ। ସର୍ବଶେଷରେ ସହ ସମ୍ପାଦକ ଅକ୍ଷୟ ଚରଣ ପୃଷ୍ଟି ଧନ୍ୟବାଦ ଦେବେ।

# କେନ୍ଦ୍ରାପଡା ପୌର ନିର୍ବାଚନ ଫଳାଫଳ

### ବିଜେଡି ୧୧, କଂଗ୍ରେସ ୫, ସ୍ୱାଧିନ ୪, ବିଜେପିକୁ ୧ ସିଟ୍




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌର ନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା କଲେଜ ପରିସରରେ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ସୁଦ୍ଧା ଗଣତି ଶେଷ ହୋଇଯାଇଥିଲା । ବିଜେଡି ପ୍ରାର୍ଥୀ ସରିତା ସାହୁ ନଗରପାଳ ଭାବେ ୧୮,୨୫୨ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ମୀନାକ୍ଷୀ ଦାଶ ୪୪୯୪ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ବାରିକ ୩୭୮୦ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ବିଜେଡି ପ୍ରାର୍ଥୀ ଶ୍ରୀମତୀ ସାହୁଙ୍କ ୧୩୭୫୮ ଭୋଟ ବ୍ୟବଧାନରେ ବିଜୟ ହୋଇଛି। ପୌର କାଉନସିଲର ନିର୍ବାଚନରେ ବିଜେଡି ୧୧ଟି ସିଟ୍ ପାଇଥିବା ବେଳେ କଂଗ୍ରେସ ୫ଟି ଓ ବିଜେପିକୁ ଗୋଟିଏ ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। କିନ୍ତୁ ବିଜେଡିରୁ ଅସୁନ୍ତୁଷ୍ଟ ହୋଇ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଥିବା ପ୍ରାର୍ଥୀମାନେ ନିଜ ଦମ ଦେଖାଇ ୪ଟି ୱାର୍ଡରେ ନିଜର ଦମ ଦେଖେଇଛନ୍ତି। ୧ନମ୍ବର ୱାର୍ଡରେ ବିଜେଡି ପ୍ରାର୍ଥୀ ପୁଷ୍ପଲତା ବେହେରା ୭୨୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ୨ ନଂ.ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ କାଳୀପ୍ରସାଦ ମିଶ୍ର,(୮୨୦), ୩ ନଂ. ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ତୁଳସୀ ହେମ୍ବ୍ରମ(୩୩୨), ୪ ନଂ.ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଶୁଭଶ୍ରୀ ନିବେଦିତା ସ୍ୱାଇଁ(୧୦୧୮), ୫ ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ନିରାକାର ସ୍ୱାଇଁ (୭୦୩), ୬ ନଂ.ୱାର୍ଡରେ ବିଜେଡି ପ୍ରାର୍ଥୀ ପ୍ରଦୀପ୍ତ ଜେନା(୩୯୨), ୭ ନଂ.ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପାଣି(୫୮୦), ୮ ନଂ.ୱାର୍ଡରେ ବିଜେଡି ପ୍ରାର୍ଥୀ ସ୍ମୃତିପ୍ରଜ୍ଞା ଶତପଥି (୬୭୦), ୯ ନଂ.ୱାର୍ଡରେ ବିଜେଡି ପ୍ରାର୍ଥୀ ଅଭୟ କୁମାର




ବେହେରା (୬୯୯), ୧୦ ନଂ.ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ସିଂ(୫୩୧), ୧୧ ନଂ.ୱାର୍ଡରେ ବିଜେଡି ପ୍ରାର୍ଥୀ ପୁଷ୍ପାଞ୍ଜଳୀ ବସ୍ତିଆ(୧୦୩୪), ୧୨ ନଂ. ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ରିହାନା ଖାତୁନ(୫୬୧), ୧୩ ନଂ.ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ସେକ୍ ଅସଲମ(୯୧୫), ୧୪ ନଂ.ୱାର୍ଡରେ ବିଜେଡି ପ୍ରାର୍ଥୀ ଆକବରୀ ଖାତୁନ(୭୯୦), ୧୫ ନଂ.ୱାର୍ଡରେ ବିଜେଡି ପାର୍ଥୀ ହବିବା ବେଗମ(୯୬୨), ୧୬ ନଂ.ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଫର୍ଜାନା ଖାତୁନ(୮୫୨), ୧୭ ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ଉମେଶ ଚନ୍ଦ୍ର ନାୟକ(୯୦୧), ୧୮ ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ଚୌଧୁରୀ ସୁକୁମାର ଦାସ(୮୧୯), ୧୯ ନଂ.ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ରମେଶ ଚନ୍ଦ୍ର ଦାସ(୫୦୭), ୨୦ ନଂ. ୱାର୍ଡରେ ବିଜେପି ପ୍ରାର୍ଥୀ ଅସୀମା ନାୟକ(୭୮୦), ୨୧ ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ପ୍ରଭାଶିଷ




ପଣ୍ଡା(୬୨୦) ଖଣ୍ଡ ଭୋଟ ପାଇ ବିଜୟୀ ପୌରସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

**ଇତିହାସ ସୃଷ୍ଟି କଲେ ସ୍ୱାଧୀନ ପ୍ରାର୍ଥୀ:** ସର୍ବାଧିକ ଭୋଟ ବ୍ୟବଧାନରେ ଜିତି ଇତିହାସ ସୃଷ୍ଟି କରିଛନ୍ତି ୪ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ପ୍ରାର୍ଥୀ ଶୁଭଶ୍ରୀ ନିବେଦିତା ସ୍ୱାଇଁ। ସେ ୧୦୧୮ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ବିଜୟଲକ୍ଷ୍ମୀ ଜେନା ମାତ୍ର ୨୨୬ ଖଣ୍ଡ ଭୋଟ ପାଇଛନ୍ତି। ସେ ୭୯୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ପୌରାଞ୍ଚଳର ୨୧ଟି ୱାର୍ଡ ମଧ୍ୟରେ ଯେତେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି ଶୁଭଶ୍ରୀ ନିବେଦିତା ସ୍ୱାଇଁ। ନିବେଦିତାଙ୍କ ସ୍ୱାମୀ ହେଉଛନ୍ତି ପୂର୍ବତନ କାଉନସିଲର ଦେବେନ୍ଦ୍ର ରାଉତ। ଶୁଭଶ୍ରୀ ନିବେଦିତାଙ୍କ ବିରୋଧରେ ବିଜେଡି ଜଣେ କୋଟି ପତି ପ୍ରାର୍ଥୀଙ୍କୁ ଟିକଟ ଦେଇଥିଲା। କିନ୍ତୁ ବିଜେଡିର ରଣକୌଶଳ ସେଠାରେ କାମ୍ ଦେଇ ନ ଥିଲା। ତେଣୁ ନିବେଦିତା ସର୍ବାଧିକ ଭୋଟ ପାଇ ଇତିହାସ ରଚିଲେ ବୋଲି ୱାର୍ଡବାସୀ କହିଛନ୍ତି।

**ଚର୍ଚ୍ଚାରେ ୱାର୍ଡ ନମ୍ବର ୩ ଓ ୮:** କେନ୍ଦ୍ରାପଡ଼ା ପୌରାଞ୍ଚଳର ୱାର୍ଡ ନମ୍ବର ୩ ଓ ୱାର୍ଡ ନମ୍ବର ୮ ଏବେ ବେଶ ଚର୍ଚ୍ଚାରେ ରହିଛି। ୩ ନମ୍ବର ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ତୁଳସୀ ହେମ୍ବ୍ରମଙ୍କ ଠାରୁ ମାତ୍ର ୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡିର ମୁନି ସୋରେନ ହାରିଯାଇଛନ୍ତି। ତୁଳସୀ ୩୩୨ ଖଣ୍ଡ ଭୋଟ ପାଇଥିବା ବେଳେ ମୁନି




ସୋରେନ ୩୨୬ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ୮ ନମ୍ବର ୱାର୍ଡର ବିଜେପି ପ୍ରାର୍ଥୀ ସସ୍ମିତା ସାହୁ ମାତ୍ର ୬ ଖଣ୍ଡ ଭୋଟରେ ପରାଜୟ ବରଣ କରିଛନ୍ତି। ସେ ୬୬୪ ଖଣ୍ଡ ଭୋଟ ପାଇଛନ୍ତି। ଏହି ୱାର୍ଡରେ ବିଜେଡିର ସ୍ମୃତିପ୍ରଜ୍ଞା ଶତପଥି ୬୭୦ ଭୋଟ ପାଇ ବିଜୟୀ ହୋଇଛନ୍ତି। ମାତ୍ର ୬ଖଣ୍ଡ ଭୋଟ ବ୍ୟବଧାନରେ ହାରିଥିବାରୁ ଏହି ୱାର୍ଡଟି ମଧ୍ୟ ଏବେ ରାଜନୈତିକ ମହଲରେ ଚର୍ଚ୍ଚାରେ ରହିଥିବା ଦେଖାଯାଇଛି।

**୩ନମ୍ବର ୱାର୍ଡରେ ନୋଟାରେ ସର୍ବାଧିକ ୨୧୪ ଭୋଟ:** ୩ନମ୍ବର ୱାର୍ଡରେ ସର୍ବାଧିକ ୨୧୪ ଖଣ୍ଡ ଭୋଟ ନୋଟା(ନନ ଅଫ ଦି ଏବଭ)କୁ ଯାଇଛି। ଅର୍ଥାତ କୌଣସି ଦଳ କି ପ୍ରାର୍ଥୀଙ୍କୁ ଏହି ଭୋଟ ନ ଯାଇ ନୋଟା ଚିହ୍ନରେ ମୋହର ବାଜିଛି। ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ୱାର୍ଡଟି ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ଏହି ୱାର୍ଡରେ ଅଧିକ ସଂଖ୍ୟକ ଲୋକ ଶିକ୍ଷିତ ଓ ଉଚ୍ଚ ବର୍ଗର ବାସ କରନ୍ତି। ତେଣୁ ସେମାନେ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କୁ ବିରୋଧ କରି ନୋଟାରେ ଭୋଟ ଦେଇଥିବା ଚର୍ଚ୍ଚା ହେଉଛି। କାରଣ ୨୧ଟି ୱାର୍ଡ ମଧ୍ୟରୁ ଏହି ୱାର୍ଡକୁ ଛାଡିଦେଲେ କୌଣସି ଗୋଟିଏ ହେଲେ ୱାର୍ଡରେ ନୋଟାରେ ୨୦ରୁ ଅଧିକ ଭୋଟ ବାଜିନାହିଁ। ୫ଟି ୱାର୍ଡରେ ଗୋଟିଏ ହେଲେ ଭୋଟ ନୋଟାରେ ବାଜିନାହିଁ। ୩ ନଂ. ୱାର୍ଡକୁ ଛାଡି ବାକି ୧୫ଟି ୱାର୍ଡରେ ୧୦୧ଟି ଭୋଟ ନୋଟାରେ ପଡିଛି।

# ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ, ଭୁବନେଶ୍ୱର ସେମିରେ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରଂଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଆୟୋଜକ ଡିଫାକୁ ୨/୫ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ ଡିଫା ଟିମ ୨ଗୋଟି ଗୋଲ ଦେଇଥିଲା ବେଳେ ଭୁବନେଶ୍ୱର ଟିମ ୨ ଗୋଟି ଗୋଲ କରି ମ୍ୟାଚକୁ ସମାନ ସ୍ତରକୁ ନେଇଆଣିଥିଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଲଗାତାର ଭାବେ ଡିଫା ଟିମକୁ ୩ ଗୋଟି ଗୋଲ ଦେଇ ୫/୨ ଗୋଲରେ ବିଜୟୀ ହୋଇଥିଲା । ଡିଫା ଟିମ ପକ୍ଷରୁ ସେକ ଆସିଫ ଅହମ୍ମଦ ୨ଟି ଗୋଲ ଦେଇଥିବା ବେଳେ ଭୁବନେଶ୍ୱର ଟିମ ପକ୍ଷରୁ ବବୁଲ ରାଉତ ୩ଟି , ସାଗର ରାଉତ ଗୋଟିଏ ଓ ଦାରାସିଂ ଜାମୁଡା ଗୋଟିଏ ଗୋଲ ଦେଇଥିଲେ । ଆଜିର ମ୍ୟାଚକୁ ସୁଲତାନା ପରୱିନ, ଦେବରାଜ ସ୍ୱାଇଁ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ସେକ ଆସିଫ ଲାଇନରେ ସହାୟତା କରିଥିଲେ । ଆଜିର ମ୍ୟାଚରେ ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ କୁମାର ମହାଁ ଓ ଯାଜପୁର ସିଟିଓ ଅଶୋକ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମର ବବୁଲ ରାଉତଙ୍କୁ ମ୍ୟାନଅଫଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ରବିବାର ସନସାଇନ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଡିଫାର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

## ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଂଜିକରଣ

ଭୁବନେଶ୍ୱର (ପିଏନ୍)–ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ଚାଲିଥିବା ଅଭିଯାନ ଓଡ଼ିଆ ମହୋତ୍ସବ ସପ୍ତଦଶ ବର୍ଷରେ ପହଞ୍ଚିଛି। ଏହା ସହ ଉତ୍କଳ ଦିବସ, ଅପ୍ରେଲ-୧ ତାରିଖ ଠାରୁ ଅପ୍ରେଲ-୧୪ ତାରିଖ ଓଡ଼ିଆ ନୂଆବର୍ଷ, ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ନାମ ପଂଜିକରଣ ଏକାମ୍ର ହାଟର ହୋଟେଲ ସୌକିନଠାରେ ହୋଇଥିଲା। ଏହା ପ୍ରତିଦିନ ସଂଧ୍ୟା ୬ଘଟିକା ଠାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଗତ ୨୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗ ଢମାଳି, ପାରମ୍ପରିକ ସଂଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ରୋଷେଇ ଜ୍ଞାନ, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ, ମୁଁ ଓଡ଼ିଆଣୀ ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ୨୧ବର୍ଷରୁ ଉର୍ଦ୍ଧ୍ୱ ଓଡ଼ିଆଣୀ ମାନେ ନିଜର ନାମ ପଂଜିକରଣ କରିପାରିବେ। ସେହିଭଳି କେବଳ ଓଡ଼ିଆଣୀ ନୁହଁନ୍ତି ଭବିଷ୍ୟତର ଓଡ଼ିଆମାନଙ୍କୁ ଆମର ଭାଷା, ସଂସ୍କୃତି,ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ସହ ପରିଚିତ ତଥା ଅଭ୍ୟସ୍ତ କରାଇବା ପାଇଁ 'ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ୍ୟ ଆୟୋଜିତ ହେଉଛି। ୫ରୁ୧୦, ୧୧ରୁ ୧୭ ବୟସର ଶିଶୁ-କିଶୋରଙ୍କ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଶ୍ରୁତଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଂଗୀତ, ଆବୃତ୍ତି ଓ କୌତୁକ ପୋଷାକ ଆଦି। ଏହି ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ପାଇଁ ମଧ୍ୟ ନାମ ପଂଜିକରଣ ଏକାମ୍ର ହାଟଠାରେ ଆରମ୍ଭ ହୋଇଛି। ଆଗ୍ରହୀମାନେ ତୁରନ୍ତ ଆସି ନାମ ପଂଜିକରଣ କରି ଓଡିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଉଦ୍ଦିଷ୍ଟ ଏହି ଆନ୍ଦୋଳନକୁ ଆଗେଇ ନେବା ପାଇଁ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ପରିଚାଳନା ଟ୍ରଷ୍ଟି ଓ ସଂପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ପ୍ରମୁଖ ଅନୁରୋଧ କରିବା ସହ ଦୂରଭାଷ ୯୪୩୭୧ ୬୪୪୬୧ ରେ ଆବଶ୍ୟକ ହେଲେ ଯୋଗାଯୋଗ କରିବାକୁ ଜଣାଇଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ




ବାରିପଦା,(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ଯୁବ ସଂସ୍କାର କାର୍ଯ୍ୟକ୍ରମ କଲେଜର ଉପାଧ୍ୟକ୍ଷା ସଂଘମିତ୍ରା ରାଉତଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗର ପ୍ରଫେସର ଡକ୍ଟର କବିତା କୁମାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବ ସଂସ୍କାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନରେ ପ୍ରୟୋଗ କରିବା ପାଇଁ ନୀତିଶିକ୍ଷା ମୂଳକ ଉପଦେଶମାନ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ସ୍ୱାଗତ ଉଦ୍‌ବୋଧନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚପରିଚାଳନା କରିଥିଲେ ଛାତ୍ରୀ ଲିପ୍ସା ନନ୍ଦ । ଉଭିଦ ବିଜ୍ଞାନର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ ଯୁବ ସମାଜରେ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏନ.ଏସ.ଏସର ଛାତ୍ରୀ ସ୍ୱାଗତୀକା ସାତୁଆ, ସୁମିତ୍ରା ମୁର୍ମୁ, ଚିତା ମାରାଣ୍ଡି, ଆରତୀ ଟୁଡୁ, ଛିତାମଣି ମୁର୍ମୁ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଅନ୍ୟତମ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ଧନ୍ୟବାଦ ଦେଇଥିଲେ । ଏନ.ଏସ.ଏସ. ସ୍ୱେଚ୍ଛାସେବୀ ନିବେଦିତା ପ୍ରଧାନ, ଲିପ୍ସା ମିଶ୍ର, ରଶ୍ମିତା ମହାନ୍ତ, ଆୟୁଷ୍ମାନ ଭୂୟାଁ ଓ ସୌମ୍ୟରଂଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମୁକୁନା ଗ୍ରାମରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ପ୍ରସ୍ତୁତି ସଭା

କେନ୍ଦୁଝର,(ପି.ଏନ): ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଅବ୍ୟବହିତ ପୂର୍ବରୁ ଦ୍ୱିତୀୟ ସଂକଳ୍ପ ଉତ୍ସବ ମୁକୁନା ନବନିର୍ମିତ ମନ୍ଦିର ପରିସରରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବ ନିର୍ବାଚିତ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା କିରଣବାଲା ନାୟକ ସମ୍ମାନୀତ ଅତିଥି,ପୂର୍ବତନ ସଦର ବ୍ଲକ ଉପାଧ୍ୟକ୍ଷ ଧନୁର୍ଜୟ ମହାନ୍ତଙ୍କ ସମେତ ବାଉରୀପଦା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌରାଙ୍ଗ ଦେହୁରୀ,ନାଏବ ସରପଞ୍ଚ ରଙ୍ଗାଧର ମହାନ୍ତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ନବ ନିର୍ବାଚିତ ଓ୍ୱାର୍ଡମେମ୍ବର ସମସ୍ତେ ସଭାରେ ଉପସ୍ଥିତ ଥିଲେ ଓ ଶ୍ରୀରାମ ନବମୀ ପୂଜା କମିଟି ତରଫରୁ ସମସ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ପଞ୍ଚାୟତର ପ୍ରଗତି ପାଇଁ ପ୍ରସ୍ତାବ ରଖାଯାଇଥିଲା ।

## ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୮୭ ତମ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ତା ୨୯.୦୩.୨୦୨୧ ରିଖ ମଙ୍ଗଳବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନିକନ୍‌ଫରେନ୍ସ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଦ୍‌ବୋଧନ ଦେଇ ଆଗାମୀ ଓଡିଶା ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଉପଖଣ୍ଡ ପୋଲିସ ଅଧିକାରୀ ପି.ଜେ. ଟପୋ, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଏଡିପିଏଚଓ ଡାଃ ରମାକାନ୍ତ ମୁଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ । ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ଚଳିତ ମାର୍ଚ୍ଚ ୨୮ ତାରିଖ ଦିନ ଉଚ୍ଚବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୃତୀ ପ୍ରତିଯୋଗୀମାନଙ୍କୁ ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୦୧ ତାରିଖ ଦିନ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମାରୋହରେ ପୁରସ୍କୃତ କରାଯିବ । ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁଷରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ।

## ଘଟଗାଁରେ ମୋ ସ୍କୁଲ ଅଭିଯାନ ସମୀକ୍ଷା ବୈଠକ

ଘଟଗାଁ,(ପି.ଏନ):କେନ୍ଦୁଝର ଜିଲ୍ଲା ଘଟଗାଁ ସ୍ଥିତ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଘଟଗାଁ ବ୍ଲକର ୬୦ରୁ ଉର୍ଦ୍ଧ୍ୱ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ମୋ ସ୍କୁଲ ମୁଖ୍ୟ ସଞ୍ଚାଳନ ଅଧିକାରୀ ଅମରଜିତ୍ ଜେନା, ଡିଓ ଐଶ୍ୱର୍ଯ୍ୟା ସାମନ୍ତ, ଜୋନାଲ ପ୍ରକଳ୍ପ ଅଧିକାରୀ ମୈତ୍ରୀ ବାବୁ ପ୍ରମୁଖ ଉପସ୍ଥିତ ରହି ପ୍ରଧାନଶିକ୍ଷକ ଓ ପୁରୁଣା ଛାତ୍ରଛାତ୍ରୀ ମାନଙ୍କ ମତାମତ ଲୋଡିଥିଲେ । ୨୦୧୭ ନଭେମ୍ବର ୧୪ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଉକ୍ତ ଅଭିଯାନରେ ଯେପରି ଅଧିକରୁ ଅଧିକ ଚାତ୍ରଛାତ୍ରୀ ଓ ଅନୁଷ୍ଠାନ ଯୋଡି ହେବେ ତା ଉପରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ଜେନା ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ଘଟଗାଁ ବିଇଓ ଅଭୟ କୁମାର ବେହେରା, ଏବିଇଓ ପୁରଷ୍ତମ ଧଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଘଟଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦାମ ଚରଣ ନାୟକ, ଶିକ୍ଷକ ଅଶୋକ କୁମାର ନାଥ, ପ୍ରଫୁଲ ପ୍ରଧାନ, ସିଆରସିସି ଡମ୍ବରୁଧର ବେହେରା, ନବକୃଷ୍ଣ ରାଉତ, ଅଜୟ କୁମାର ପ୍ରଧାନ, ବନମାଳୀ ମହାନ୍ତ, ପ୍ରଦୀପ ପାତ୍ର, ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୁଅର ନିଶା ଛଡାଇ ଦେବେ କହି ଘରୁ ନେଇଗଲେ, ଶେଷରେ ମିଳିଲା ପୋଡା ମୃତଦେହ



କେନ୍ଦୁଝର,(ପି.ଏନ):ନିଶାଗ୍ରସ୍ତ ପୁଅର ନିଶା ଛଡାଇ ଦେବେ ଏବଂ ଭଲ କରି ପୁଣି ଥରେ ଘରକୁ ଫେରାଇ ଆଣିବେ । ବାପା ମା'ଙ୍କ ମନରେ ଏପରି ବିଶ୍ୱାସ ଜନ୍ମାଇ ଆଖି ଆଗରୁ ପୁଅକୁ ନେଇଗଲେ ଦୁଇଜଣ ଯୁବକ । ଏହାପରେ ଆଉ ପୁଅର ପତ୍ତା ନପାଇବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଶେଷରେ ମିଳିଲା ପୁଅର ମୃତ୍ୟୁର ଖବର । ପୁଅକୁ ହତ୍ୟା କରି ଟାୟାର ସାହାଯ୍ୟରେ ନିଆଁ ଲଗାଇ ପୋଡି ଦିଆଯାଇଥିବା ବେଳେ ପୋଡା ମୃତଦେହକୁ ଜବତ କରିଛି ପୋଲିସ୍ । ଏପରି ଏକ ବିଭତ୍ସ ହତ୍ୟାକାଣ୍ଡ କେନ୍ଦୁଝର ଜିଲ୍ଲା ଟାଉନ୍ ଥାନା ଅଂଚଳରେ ଘଟିଛି । ମୃତକ ଜଣକ ହେଲେ କେନ୍ଦୁଝର ଜିଲ୍ଲା ଟାଉନ୍ ଥାନା ଅନ୍ତର୍ଗତ ରାଙ୍କି ଗ୍ରାମର ସତ୍ୟବ୍ରତ ସ୍ୱାଇଁଙ୍କ ୨୨ ବର୍ଷର ପୁଅ ଆଦିତ୍ୟ ନାରାୟଣ ସ୍ୱାଇଁ । ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଆଦିତ୍ୟ କୁସଙ୍ଗରେ ପଡି ଅଧିକାଂଶ ସମୟରେ ନିଶା ସେବନ କରେ । ଯଶିପୁରସ୍ଥିତ ନିଶା ନିବାରଣ କେନ୍ଦ୍ରକୁ ନେଲେ ସେଠାରେ ପୁଅ ସମ୍ପୂର୍ଣ୍ଣ ନିଶାମୁକ୍ତ ହୋଇଯିବ ବୋଲି ସହରର ବବଲୁ ପାଢୀ ଓ ସ୍ୱରୂପ ନାମକ ଦୁଇଜଣ ଯୁବକ ସତ୍ୟବ୍ରତଙ୍କୁ କହିଥିଲେ । ସତ୍ୟବ୍ରତ ସେମାନଙ୍କ କଥାକୁ ବିଶ୍ୱାସ କରି ପୁଅକୁ ଛାଡିଥିଲେ । ଏହାପରେ ସେମାନେ ଗତ ୨୨ ତାରିଖରେ ବବଲୁ ଓ ସ୍ୱରୂପ ଏକ ଜିପ୍‌ରେ ଆଦିତ୍ୟଙ୍କୁ ତାଙ୍କ ଘରୁ ନେଇଥିଲେ । ବାଟରେ ଆଦିତ୍ୟଙ୍କର ବବଲୁ ଓ ସ୍ୱରୂପଙ୍କ ସହ ପ୍ରବଳ ଝଗଡା ହୋଇଥିଲା । ଏହାପରେ ଉଭୟ ବବଲୁ ଓ ସ୍ୱରୂପ ପ୍ରବଳ ମାଡ ମାରି ହତ୍ୟା କରିଥିବା ଜଣାପଡିଛି । ହତ୍ୟା ଘଟଣାକୁ ଲୁଚାଇବା ପାଇଁ ସାନଶିଆଳିନଈ ଗାଁ ନିକଟରେ ଥିବା ଏକ ବନ୍ଧ ହିଡ ନିକଟରେ ନିଆଁ ଲଗାଇ ଅଭିଯୁକ୍ତମାନେ ମୃତଦେହକୁ ପୋଡି ଦେଇଥିଲେ । ଅପରପକ୍ଷେ ଆଦିତ୍ୟଙ୍କ ପରିବାର ଲୋକ ପୁଅର ନିଖୋଜ ନେଇ ଗତ ୨୭ ତାରିଖରେ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଖୋଜାଖୋଜି ଆରମ୍ଭ କରିଥିଲା । ଏହାପରେ ଗତକାଲି ଯଶିପୁର ପୋଲିସ ସହ ଟାଉନ୍ ଥାନା ପୋଲିସ ଯୋଗାଯୋଗ କରି ଉକ୍ତ ମୃତଦେହ ସମ୍ପର୍କରେ ସୂଚନା ଦେଇଥିଲା । ଏହାପରେ ତାହା ଆଦିତ୍ୟଙ୍କ ମୃତଦେହ ବୋଲି ସ୍ପଷ୍ଟ ହୋଇଛି । ମୟୁରଭ ପୋଲିସ୍ ଏହି ଘଟଣାର ତଦନ୍ତ କରି ଦୁଇଜଣଙ୍କୁ ଗିରଫ କରିବା ସହ ବ୍ୟବହୃତ ଗାଡିକୁ ଜବତ କରିଛି । ତେବେ ଅଭିଯୁକ୍ତମାନେ କିପରି ହତ୍ୟା କଲେ ସେ ନେଇ ଆଜି କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଯିବ । ଏଥିସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯିବ ବୋଲି ମୟୁରଭ ଏସପି ରିଷିକେଷ ଜ୍ଞାନଦେ ଖିଲାରୀ ସୂଚନା ଦେଇଛନ୍ତି ।

## ଅନିଶ୍ଚିତତା ମଧ୍ୟରେ ଆନନ୍ଦପୁର ମହୋତ୍ସବ

ଆନନ୍ଦପୁର:,(ପି.ଏନ):କୋଭିଡ୍ କଟକଣା ଯୋଗୁଁ ଆନନ୍ଦପୁର ମହୋତ୍ସବ ଗତବର୍ଷ ବନ୍ଦ ରହିଥିଲା । କଟକଣା ହଟିବା ପରେ ଯାତ୍ରା, ମେଳା ଓ ଅପେରା ପୂର୍ବ ଭଳି ଆୟୋଜନ ହେଉଥିବା ବେଳେ ମହୋତ୍ସବ ପାଳନ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ପଂଚାୟତ ଓ ପୌର ନିର୍ବାଚନ ମାହୋଲ ମଧ୍ୟରେ ମହୋତ୍ସବ କଥା ସମସ୍ତେ ଭୁଲି ଯାଇଛନ୍ତି । ଏଥର ମହୋତ୍ସବ କେବେ ହେବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଆନନ୍ଦପୁର ଉପଖଣ୍ଡର କଳା, ସଂସ୍କୃତିର ସ୍ୱତନ୍ତ୍ରତା ସାରା ରାଜ୍ୟରେ ରହିଛି । କେନ୍ଦୁଝରରେ ଭ ବଂଶର ରାଜସ୍ୱ ସମୟରୁ ଆନନ୍ଦପୁରର ଲୋକ ସଂସ୍କୃତି, କଳା, ସାହିତ୍ୟ, ଆଦିବାସୀ ସଂସ୍କୃତି ସର୍ବଭାରତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି । ଓଡିଶାର ଗଙ୍ଗା ଭାବେ ବିବେଚନା କରାଯାଉଥିବା ବୈତରଣୀ ନଦୀର ପବିତ୍ରତା ତଥା ତୀର୍ଥସ୍ଥଳ ମଧ୍ୟ ବାହାର ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି । ଆନନ୍ଦପୁରର କଳା ସଂସ୍କୃତି ଐତିହ୍ୟକୁ ମନେ ପକାଇବା ପାଇଁ ୨୦୦୮ ମସିହାରେ ତତ୍କାଳୀନ ଉପଜିଲ୍ଲାପାଳ ସୁରଥ ଚନ୍ଦ୍ର ମଲ୍ଲିକଙ୍କ ଉଦ୍ୟମରେ ଟାଉନ୍ ଷ୍ଟାଡିୟମ୍‌ରେ ପ୍ରଥମେ ଆନନ୍ଦପୁର ମହୋତ୍ସବ ଆୟୋଜନ କରାଯାଇଥିଲା । ପ୍ରଥମେ ଏହା ୩ ଦିନ ଧରି ଆୟୋଜିତ ହୋଇଥିଲା ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ୨୮-୨୯ ମାର୍ଚ୍ଚ ୨୦୨୨ ଦୁଇ ଦିନିଆ ଧର୍ମଘଟ ସଫଳ




ଭୁବନେଶ୍ୱର,(ପି.ଏନ);୨୮ - ୨୯ ମାର୍ଚ୍ଚ ୨୦୨୨ ଦୁଇ ଦିନ ଧରି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଦ୍ୱାରା ଆହୂତ ଧର୍ମଘଟ ଓଡ଼ିଶାରେ ସଫଳ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ୪୪ ଟି ଶ୍ରମ ଆଇନକୁ ବାତିଲ କରି ୪ ଟି ଲେବର କୋର୍ଡ଼ ପ୍ରଚଳନକୁ ବିରୋଧ, ଦେଶରେ ସମସ୍ତ ଶ୍ରମିକମାନଙ୍କୁ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରୀ ପ୍ରଦାନ, ଅହେତୁକ ଭାବରେ ଦେଶରେ ବଢ଼ୁଥିବା ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସର ଦରକୁ ବିରୋଧ। ସରକାରଙ୍କ ଦ୍ୱାରା ପ୍ରଯ୍ୟାପ୍ତ ବେକାରୀମାନଙ୍କୁ ନିଯୁକ୍ତି ପ୍ରଦାନ, ସ୍କିମ୍ ଶ୍ରମିକମାନଙ୍କୁ ସାଧାରଣ ଶ୍ରମିକଙ୍କର ମାନ୍ୟତା ଆଦି ୧୨ ଟି ଦାବୀକୁ ତୁର' କାର୍ଯ୍ୟକାରୀ କରିବା ପାଇଁ ଏ ଧର୍ମଘଟ ଡାକରା ଦିଆଯାଇଥିଲା। ଓଡ଼ିଶାରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ଦ୍ୱାରା ସମସ୍ତ କେନ୍ଦ୍ର ସରକାର ଓ ରାଷ୍ଟ୍ରାୟତ ଉଦ୍ୟୋଗମାନଙ୍କ ଫାଠକ ସମ୍ମୁଖରେ ବିକ୍ଷୋଭ କରିବା ସହିତ ରାଜମହଲ ଛକରୁ ପି.ଏମ୍.ଜି ଛକ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ସାଧାରଣ ଜୀବନ ଯାପନ ଓ ଶିକ୍ଷାକୁ ପ୍ରାଧାନ୍ୟ ଦେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନେ ଜୋର ଜବରଦସ୍ତ କରି ବନ୍ଦକୁ ସଫଳ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲେ କିନ୍ତୁ ସ୍ୱତପ୍ରବୃତ ଭାବେ ହଜାର ହଜାର କେନ୍ଦ୍ର ସରକାର କର୍ମଚାରୀ, ରାଷ୍ଟ୍ରାୟତ ଉଦ୍ୟୋଗ କର୍ମଚାରୀ, ରେଲୱେ, ବ୍ୟାଙ୍କ, ପୋଷ୍ଟାଲ ଓ ବିଭିନ୍ନ ବର୍ଗର ଶ୍ରମିକ କର୍ମଚାରୀମାନେ ବନ୍ଦକୁ ସମର୍ଥନ ଜଣାଇ ରାଜରାସ୍ତାକୁ ଆସିଥିଲେ। ପି.ଏମ.ଜି ଛକ ନିକଟରେ ଶୋଭାଯାତ୍ରାକୁ ପୋଲିସ ମାନଙ୍କ ଦ୍ୱାରା ବନ୍ଦ କରାଯାଇଥିଲା ଏବଂ ନେତୃବୃନ୍ଦମାନଙ୍କୁ ପୋଲିସ୍ ଆରେଷ୍ଟ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଶ୍ରମିକ କର୍ମଚାରୀମାନଙ୍କ ଉପରୋକ୍ତ ଦାବୀକୁ ମାନି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ପ୍ରଯ୍ୟାୟ କ୍ରମେ ଏହି ଆନ୍ଦୋଳନ ଜାରୀ ରହିବ। ଆଜିର ଶୋଭାଯାତ୍ରାର ନେତୃତ୍ୱ ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସଂପାଦକ - କିଶୋର ଜେନା, ଉପସଭାପତି - ମଦନ ମୋହନ ଧଳ, ଏ.ଆଇ.ଟି.ୟୁ.ସିର ନେତା - ରାମକୃଷ୍ଣ ପଣ୍ଡା, ଏ.ଆଇ.ସି.ସି.ଟି.ୟୁ.ସିର ନେତା - ରାଧାକା' ସେଠୀ, ସି.ଆଇ.ଟି.ୟୁ.ର ନେତା - ଜନାର୍ଦ୍ଦନ ପତି, ଏଲ.ପି.ଏଫ୍‌ର ନେତା - ବିରେନ୍ଦ୍ର ପ୍ରତାପ ଦାସ, ଏ.ଆଇ.ୟୁ.ଟି.ୟୁ.ସିର ନେତା- ପୂର୍ଣ୍ଣଚନ୍ଦ୍ର ବେହେରା, ବିଜୁ ସାମ୍ମୁଖ୍ୟର ନେତା - ନବ ମହାଁ, ଟି.ୟୁ.ସି.ସିର ନେତା - ଜ୍ୟୋତିରନ ମହାପାତ୍ର, ସେୱାର ନେତ୍ରୀ – ପରିଲତା ମହାପାତ୍ର, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାନେତ୍ରୀ – ପ୍ରଣତି ମିଶ୍ର, ଯୁବଶାଖାର ସତ୍ୟବ୍ରତ ନାୟକ, ମହେନ୍ଦ୍ର ପରିଡ଼ା, ଧରଣୀ ସ୍ୱାଇଁ, ସିଲି ସେଠୀ, ସୁକୁମାର ଦେଓ, ସଯସେନ ମେହେର, ଜୟକୃଷ୍ଣ ମାଲିଆ, ସଂଯୁକ୍ତ ମଲ୍ଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କର୍ମଚାରୀଙ୍କ ବିୟୋଗରେ ଶୋକସଭା

ଖୋର୍ଦ୍ଧା।ତା,(ପିଏନ):ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଷ୍ଟୋର କିପର ଦିନେଶ ଚନ୍ଦ୍ର ମହାପାତ୍ରଙ୍କର ୫୫ ବର୍ଷ ବୟସରେ ଯକୃତ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ଅପରାହ୍ନରେ ମୃତ୍ୟୁ ବରଣ କରିଛନ୍ତି । ଏ ନେଇ ମହାବିଦ୍ୟାଳୟର ସଭା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ସ୍ୱର୍ଗତଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପ୍ରସ୍ତାବକ୍ରମେ ଉପସ୍ଥିତ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ମାନେ ଦିବଂଗତ ଆତ୍ମାର ସଦ ଗତିନିମିତ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ଦିନେଶଙ୍କ ଅନୁଷ୍ଠାନ ପ୍ରତି ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା । ଏ ସମ୍ବନ୍ଧରେ ଅନୁଷ୍ଠାନ ପକ୍ଷରୁ ପାରିତ ଏକ ଶୋକବାର୍ତା ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା ।

## ସୁନିଶ୍ଚିତ ଭତ୍ତା ପ୍ରଦାନ ଓ ଶ୍ୟାମଗୁଡିଆ ମେଡିକାଲ ତୁରନ୍ତ କାର୍ଯ୍ୟକ୍ଷମ ଦାବିରେ ଆଶାକର୍ମୀ ସଙ୍ଘର ବିକ୍ଷୋଭ ସମାବେଶ

କେନ୍ଦ୍ରାପଡ଼ା,୨(ପି.ଏନ): ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ(ଏ.ଆଇ. ଟି.ୟୁ.ସି.) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ତୁରନ୍ତ ସୁନିଶ୍ଚିତ ଭତ୍ତା ପ୍ରଦାନ କରିବା, ମାର୍ଚ୍ଚମାସ ଶେଷ ସୁଦ୍ଧା ବାକି ପଇସା ପ୍ରଦାନ କରିବା, କରୋନା ପ୍ରାପ୍ୟ ୬ହଜାର ଟଙ୍କା ପ୍ରଦାନ କରିବା, ପ୍ରୋତ୍ସାହନ ରାଶି ପ୍ରଦାନ, ସରକାରୀ ଚାକିରୀର ମାନ୍ୟତା ପ୍ରଦାନ, ପଦୋନ୍ନତି ଓ ପେନସନ ପ୍ରଦାନ ଆଦି ଦାବିରେ ଶହ ଶହ ଆଶାକର୍ମୀମାନଙ୍କର ଏକ ଶୋଭାଯାତ୍ରା ତିନିମୁହାଣୀ ଠାରୁ ବାହାରି ସହର ମଧ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଉପସଭାପତି ଲକ୍ଷ୍ମୀପ୍ରିୟା ସେଠୀ, ଭଜହରି ପ୍ରଧାନ, କନିକା ସିଏସସିର ସଭାପତି ସୁକାନ୍ତୀ ବେହେରା, ସମ୍ପାଦିକା କବିତା ସାମଲ, ଏଆଇଟିୟୁସି ନେତା ଅକ୍ଷୟ ମଲ୍ଲିକ, ଅଜୟ ସାମଲ, ବନ୍ଦନା ମଲ୍ଲିକ, ମାନିନୀ ମଲ୍ଲିକ,ସସ୍ମିତା ବାରିକ, ରେଣୁବାଳା ସେଣ, ସରସ୍ୱତୀ ସ୍ୱାଇଁ, ଡେରାବିଶ ସମ୍ପାଦିକା ପୁଷ୍ପଲତା ଦଣ୍ଡପାଟ, ଶଶିରେଖା ମଲ୍ଲିକ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଜିଲ୍ଲା ସଭାପତି ଆଇନଜୀବୀ ବିକାଶ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ ସମସ୍ୟା ଗୁଡିକ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ।

## ୧୯୯୯ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଗ୍ରାମର ଡମଣୀ କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠର ୧୯୯୯ ମସିହା ମାଟ୍ରିକ ବ୍ୟାଚର ସୌଦାମିନୀ ମହାପାତ୍ରଙ୍କ ଆବାହତ୍ୱରେ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ମା ବ୍ରାହ୍ମଣୀ ଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ପ୍ରାରମ୍ଭରେ ଗୁରୁ ପୂଜନ କରିବା ସହ ବୃକ୍ଷ ରୋପଣ କରାଯାଇ ବିଗତ ଦିନର ସ୍ମୃତି ଅନୁଭୂତିକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥିଲେ ।ପରେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ମାନଙ୍କୁ ଖାଦ୍ୟ ,ପାଠ୍ୟ ପୁସ୍ତକ ଓ ପୋଷାକ ବଂଟନ କରିବା ସହ ଏକ ଟ୍ରଷ୍ଟ ଗଠନ କରି ସାମାଜିକ ସେବା କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ନେଇଥିଲେ । ଏଥିରେ ଅମ୍ବୁଜଧାରୀ ମହାପାତ୍ର,ସୁବାସ ନାୟକ ଶୁଭଲକ୍ଷ୍ମୀ ଓ ରୋହିତ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଫିଲାଗ୍ରୋଂ ମାଧ୍ୟମରେ ଶୌଚାଳୟ ନିର୍ମାଣ ପାଇଁ ଓଡିଶାର ବିଦ୍ୟାଳୟ ପାଣ୍ଠି ସଂଗ୍ରହ କଲା



ଭୁବନେଶ୍ୱର, (ପି.ଏନ): ବ୍ୟକ୍ତି ବିଶେଷ ଏବଂ ସଂଗଠନକୁ ପାଣ୍ଠି ସଂଗ୍ରହରେ ସାହାଯ୍ୟ କରୁଥିବା ନିର୍ଭରଯୋଗ୍ୟ ଅନ୍‌ଲାଇନ କ୍ରାଉଡ୍ ଫାଉଣ୍ଡିଂ ପ୍ଲାଟଫମ ଫିଲାଗ୍ରୋଂ ପକ୍ଷରୁ ଉତର ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଏକ ସୁଦୂର ଗାଁ ସାହାପୁରରେ ଅବସ୍ଥିତ ହେମାଚନ୍ଦ୍ର ସିମାନ୍ତ ସଂସ୍କୃତ ବିଦ୍ୟାଳୟରେ ସେମାନଙ୍କ ଛାତ୍ରୀଛାତ୍ରମାନଙ୍କ ପାଇଁ ଶୌଚାଳୟ ନିର୍ମାଣ ପାଇଁ ୫୦,୦୦୦ ଟଙ୍କା ସଂଗ୍ରହ କରାଯାଇଛି। ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ ଆଦିବାସୀ ପୃଷ୍ଠଭୂମିରୁ ଆସିଛନ୍ତି। ହେମାଚନ୍ଦ୍ର ସିମାନ୍ତ ସଂସ୍କୃତ ବିଦ୍ୟାଳୟ ୧୯୯୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ସମାଜର ସମସ୍ତ ବର୍ଗଙ୍କୁ ଆକର୍ଷିତ କରିପାରିଛି। ବିଶେଷକରି ଗରିବ ଆଦିବାସୀ ପୃଷ୍ଠଭୂମିରୁ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇପାରୁଛନ୍ତି। ସମ୍ପ୍ରତି, ଏଠାରେ ଷଷ୍ଠ ଶ୍ରେଣୀରୁ ଦଶମ ମଧ୍ୟରେ ୧୬୦ ଜଣ ଆଦିବାସୀ ବାଳିକା ଏବଂ ବାଳକ ଅଧ୍ୟୟନ କରୁଛନ୍ତି।ଫିଲାଗ୍ରୋଂ କ୍ରାଉଡ ଫଣ୍ଡିଂ ପ୍ଲାଟଫର୍ମର ପାଣ୍ଠି ସଂଗ୍ରହ ସମ୍ପର୍କରେ ମୌଳିକ ସୁବିଧା ଯୋଗାଇବାରେ ବିଦ୍ୟାଳୟକୁ ସାହାଯ୍ୟ କରୁଥିବା ସାମାଜିକ କର୍ମୀ ବିଶ୍ୱରଜନ ଦେହୁରୀ କହିଲେ, ବିଦ୍ୟାଳୟଟି ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନରେ ଅଛି। ଆବାସିକ ସୁବିଧାରେ ୧୦୦ରୁ ଅଧିକ ପିଲାଙ୍କ ପାଇଁ ଚାରୋଟି ଶୌଚାଳୟ ଆବଶ୍ୟକ ଥିଲା। ଫିଲାଗ୍ରୋଂ କ୍ରାଉଡ ଫଣ୍ଡିଂ ପ୍ଲାଟଫର୍ମର ସାହାଯ୍ୟରେ ଆବଶ୍ୟକ ଅର୍ଥ ଖୁବ କମ ସମୟ ମଧ୍ୟରେ ସଫଳତାର ସହିତ ସଂଗ୍ରହ କରାଯାଇଥିଲା ଏବଂ ଏବେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ମୁଁ ଫିଲାଗ୍ରୋଂ କ୍ରାଉଡ ଫଣ୍ଡିଂ ପ୍ଲାଟଫର୍ମକୁ ଧନ୍ୟବାଦ ଜଣାଉଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ୟୁନିଫର୍ମ, ଭୋଜନ, ବହି, ଏବଂ ଏପରିକି ରହିବା ଭଳି ସମସ୍ତ ମୌଳିକ ଆବଶ୍ୟକତା ଯୋଗାଇଥାଏ। ମାଗଣା ଶିକ୍ଷା ଏବଂ ବୋର୍ଡିଂ ସୁବିଧା ଯୋଗୁଁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।ଏହି ଅବସରରେ, ଫିଲାଗ୍ରୋଂ ଅନଲାଇନ ଭେଂଚର୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର, ସହ-ପ୍ରତିଷ୍ଠାତା ତଥା ସିଇଓ ଜିଜି ଜନ କହିଲେ, ଆମ ପାଇଁ ଏକ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଯେ ଆମର କ୍ରାଉଡ ଫଣ୍ଡିଂ ପ୍ଲାଟଫର୍ମ ଉଭୟ ପ୍ରଚାରକ ଏବଂ ଦାତାମାନଙ୍କ ପାଇଁ ସୁରକ୍ଷିତ ଅଟେ। ଆମେ ଆମର ଶ୍ରୋତାମାନଙ୍କୁ ଜଣାଇବାକୁ ଚାହିଁବୁ ଯେ ଆମେ ଭାରତର ସର୍ବବୃହତ ଚିନ୍ତାମୁକ୍ତ କ୍ରାଉଡ ଫଣ୍ଡିଂ ପ୍ଲାଟଫର୍ମ ହେବା ପାଇଁ ନିଜକୁ ପ୍ରସ୍ତୁତ କରୁଛୁ। ଆମେ ପ୍ରଚାରକମାନଙ୍କ ଲକ୍ଷ୍ୟ ଉପସ୍ଥାପନରେ ସହାୟତା କରିବା ସହିତ ସେମାନଙ୍କୁ ପରାମର୍ଶ ପ୍ରଦାନ କରୁଛୁ।ଓଡ଼ିଶା ହେମାଚନ୍ଦ୍ର ସିମାନ୍ତ ସଂସ୍କୃତ ବିଦ୍ୟାଳୟ ସହିତ ଅତୀତରେ ଅନ୍ୟାନ୍ୟ ବିଦ୍ୟାଳୟ ପାଇଁ ଶୌଚାଳୟ ନିର୍ମାଣ ଲାଗି ଫିଲାଗ୍ରୋଂ ମାଧ୍ୟମରେ ସଫଳତାର ସହ ପାଣ୍ଠି ସଂଗ୍ରହ କରାଯାଇଛି। ବିଦ୍ୟାଳୟର ଭିତିଭୂମି ନବୀକରଣ ପାଇଁ ପାଣ୍ଠି ସଂଗ୍ରହ ପାଇଁ ଫିଲାଗ୍ରୋଂ ପକ୍ଷରୁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। କ୍ରାଉଡ୍ ଫାଉଣ୍ଡିଂ ଫଣ୍ଡିଂ ପ୍ଲାଟଫର୍ମରେ ସଫଳତାର ସହ ପାଣ୍ଠି ସଂଗ୍ରହ କରାଯାଇଥିଲା ଏବଂ ବିଦ୍ୟାଳୟଟିରେ ଉନ୍ନତ ଶ୍ରେଣୀଗୃହ ଏବଂ ଛାତ୍ରୀମାନଙ୍କ ପାଇଁ ସ୍ୱଚ୍ଛତା ଶୌଚାଳୟ ନିର୍ମାଣ କରାଯାଇଥିଲା। ସୋସିଆଲ ମିଡିଆ, ହ୍ୱାଟସଆପ୍ , ଇମେଲ ଏବଂ କଲ ମାଧ୍ୟମରେ ଜଣେ ନିଜର କ୍ରାଉଡ୍ ଫଣ୍ଡିଂ ଆବଶ୍ୟକତା ପୂରଣ ପାଇଁ ଫିଲାଗ୍ରୋଂ ସହିତ ଯୋଗାଯୋଗ କରି ପାରିବେ। ସଫଳ ପ୍ରଚାରକମାନଙ୍କଠାରୁ ଫିଲାଗ୍ରୋଂ ମଧ୍ୟ ରେଫରେନ୍ସ ଗ୍ରହଣ କରିଥାଏ।

## ଉତ୍କଳ ଦିବସ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, (ପିଏନ):ବେଗୁନିଆ ସଦର ମହକୁମାର ନୂଆସାହି ସଲଗ୍ନ ଜଗନ୍ନାଥ ମନ୍ଦିର ନିକଟ ଆମ୍ରକାନନ ପରିସରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଆଦର୍ଶ କ୍ଲବ ପକ୍ଷରୁ ଯଥାରୀତି ଉତ୍କଳ ଦିବସ ପାଳନ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ,ସମାଜସେବୀ ମାୟାଧର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ,ବିଶ୍ୱନାଥ ସାହୁ,ସୁରେଶ କୁମାର ସାହୁ ଓ ଦାଶରଥି ସାହୁଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବାଗ୍ମୀ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱ ରଞ୍ଜନ ମୁଖ୍ୟ ଅତିଥି ଓ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତକୋତର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡଃ ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ମାନଙ୍କ ଠାରୁ ପ୍ରକାଶ ।

## ସିପିଆଇର ଭାରତ ବନ୍ଦର ପ୍ରଭାବ




ଖୋର୍ଦ୍ଧା, (ପିଏନ): ଭାରତୀୟ ଟ୍ରେଡ ୟୁନିୟନ ଆହ୍ୱାନରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ପେଟ୍ରୋଲ, ଡିଜେଲ,ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି,ରାଷ୍ଟ୍ରାୟତ ଶିଳ୍ପକୁ ଘରୋଇ କରଣ ଓ ଶ୍ରମିକ ମାନଙ୍କୁ ମାସିକ ୨୬ ହଜାର ମଜୁରୀ ଦେବା ସମେତ ୧୨ ଦଫା ଦାବୀ ନେଇ ଶ୍ରମିକ ନେତା ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଆନ୍ଦୋଳନ ଡାକରା ଦେଇଥିଲେ । ପ୍ରଥମେ ପୋଷ୍ଟ ଅଫିସ ଛକ ଠାରୁ ବାହାରି ବ୍ୟାଙ୍କ,ବ୍ଲକ ଓ ତହସିଲ କାର୍ଯ୍ୟାଳୟ ବନ୍ଦ କରିବାକୁ ଡାକରା ଦେଇଥିଲେ । ଏଥିରେ ସିଆଇଟିୟୁ ,ସିପିଆଇ, ଅଙ୍ଗନବାଡି, ଆଶା,ପାଚିକା ଓ ନିର୍ମାଣ ଶ୍ରମିକ ସଂଘର କର୍ମୀମାନେ ଯୋଗ ଦେଇଦୋକାନ ବଜାର ବନ୍ଦ କରି ଶାନ୍ତି ପୂର୍ଣ୍ଣ ଭାବେ ସଫଳ କରିଥିଲେ । ସିପିଆଇ କର୍ମୀ ବିଜୟ କୁମାର ଗୁମାନସିଂହ,ଟୁନି ମାନସିଂହ, ରୀନା ଚମ୍ପତି,ସରସ୍ୱତୀ ଦେବୀ, ଜୟନ୍ତୀ ବେହେରା,ନଳିନୀ ମହାରଣା,ଓ ବାସନ୍ତୀ ମଲ୍ଲିକ ସମେତ ବହୁ କର୍ମୀ ଯୋଗ ଦେଇ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ ।

## ରାମ ଚରିତ ମାନସ ଉଦଯାପିତ

ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମର ମା ତାରିଣୀ ଆଶ୍ରମ ପରିସରରେ ସତସଙ୍ଗ ମଣ୍ଡଳୀ ପକ୍ଷରୁ ନଅ ଦିନ ଧରି ଚାଲିଥିବା ରାମ ଚରିତ ମାନସ ଓ ଜ୍ଞାନ ଯଜ୍ଞ ଉଦଯାପିତ ହୋଇ ଯାଇଛି । ଏ ନେଇ ପ୍ରବଚକ କାଶୀନାଥ ରାଉତରାୟ,ରାମ ନିରଞ୍ଜନ ଦାଶ,ମାନସ ଲେଙ୍କା ଓ ପ୍ରମୋଦ ନାୟକଙ୍କ ଦ୍ୱାରା ରାମ ଚରିତ ପଠନ ଓ ପ୍ରବଚନ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କାଶୀନାଥ ପ୍ରଧାନ ଓ ସଦାନନ୍ଦ ବେହେରା ପରିଚାଳନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray